- Vol.- 46, Issue No. 28
- Tuesday, 28 April 2026
- ମଙ୍ଗଳବାର, ୨୮ ଏପ୍ରିଲ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଇରାନର ନାଲି ଆଖି, ଚାପରେ ଟ୍ରମ୍ପ

★ ତିନି-ପର୍ଯ୍ୟାୟ ଫର୍ମୁଲା ପ୍ରସ୍ତାବ ★ ଇରାନ କ୍ଷତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିରୋଧରେ ୪ ଗୁଣ ନିଆଯିବ ପ୍ରତିଶୋଧ: ଇରାନ

ନୂଆଦିଲ୍ଲୀ, ୨୭ ।୪: ଯଦି ଆମେରିକା ଶାନ୍ତି ଆଲୋଚନା ପାଇଁ ବୈଠକକୁ ଫେରିବାକୁ ଚାହୁଁଛି ତେବେ ଇରାନ ଏଥିପାଇଁ ରଖିଛି ଏକ ତିନି-ପର୍ଯ୍ୟାୟ ଫର୍ମୁଲା ପ୍ରସ୍ତାବ । କାରଣ ଉଭୟ ପକ୍ଷ ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରୁ ଓହରି ଯାଇଥିଲେ। ତେହେରାନ ଦ୍ୱାରା ରଖାଯାଇଥିବା ସର୍ତ୍ତାବଳୀରେ ଯୁଦ୍ଧ ଶେଷ, ହରମୁଜ୍ ପ୍ରଣାଳୀ ଏବଂ ପରମାଣୁ ପ୍ରସଙ୍ଗ ରହିଛି।ସ୍ଥାନୀୟ ଗଣମାଧ୍ୟମ ଏପରି ରିପୋର୍ଟ କରିଛି। ଇରାନ ମଧ୍ୟସ୍ଥତାଙ୍କ ମାଧ୍ୟମରେ ଆମେରିକାକୁ ଜଣାଇଛି ଯେ ଯଦି ଆମେରିକା ଆଲୋଚନାକୁ ସଫଳତାର ସହିତ ପୁନଃ ଆରମ୍ଭ କରିବାକୁ ଚାହେଁ, ତେବେ ସେହି ରାଷ୍ଟ୍ରକୁ ତିନୋଟି ପର୍ଯ୍ୟାୟ ଦେଇ ଯିବାକୁ ପଡ଼ିବ। ପର୍ଯ୍ୟାୟ ୧: ଯୁଦ୍ଧର ସମ୍ପୂର୍ଣ୍ଣ ସମାପ୍ତି ଏବଂ ଇରାନ ଏବଂ ଲେବାନନ ବିରୁଦ୍ଧରେ ଏହାକୁ ପୁନଃ ଆରମ୍ଭ ନ କରିବା ପାଇଁ ଗ୍ୟାରେଣ୍ଟି ଦେବ ଆମେରିକା। ପର୍ଯ୍ୟାୟ ୨: ଯଦି ପ୍ରଥମ ପର୍ଯ୍ୟାୟର ଦାବି ଉପରେ ସହମତି ପ୍ରକାଶ ପାଏ, ତେବେ ଦ୍ୱିତୀୟ ପର୍ଯ୍ୟାୟରେ ପକ୍ଷମାନେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଅବରୋଧ ବିନ୍ଦୁ ହରମୁଜ୍ ପ୍ରଣାଳୀର ପରିଚାଳନା ଏବଂ ପ୍ରଶାସନ ବିଷୟରେ ଆଲୋଚନା କରିବେ।ପର୍ଯ୍ୟାୟ ୩: ଉପରୋକ୍ତ



ଦୁଇଟି ପର୍ଯ୍ୟାୟ ଅତିକ୍ରମ କରିବା ପରେ ହିଁ ଇରାନ ପରମାଣୁ ପ୍ରସଙ୍ଗ ଉପରେ ଆଲୋଚନା କରିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ କାରଣ ଆମେରିକା ଦୀର୍ଘ ସମୟ ଧରି ତେହେରାନକୁ ୟୁରାନିୟମ ସମୃଦ୍ଧି ବନ୍ଦ କରିବାକୁ ଏବଂ ଏହାର ଷ୍ଟକ୍‌କୁ ଦେଶରୁ ବାହାରକୁ ସ୍ଥାନାନ୍ତର କରିବାକୁ ଦାବି କରିଆସୁଛି। ପ୍ରସ୍ତାବର ଜବାବରେ, ହ୍ୱାଇଟ୍ ହାଉସ୍ ମୁଖପାତ୍ର ଅଲିଭିଆ ଓ୍ୱେଲ୍ସ ଆକ୍ସିଓସଙ୍କୁ କହିଛନ୍ତି, 'ଏଗୁଡ଼ିକ ସମ୍ବେଦନଶୀଳ କୂଟନୈତିକ ଆଲୋଚନା ଏବଂ ଆମେରିକା ପ୍ରେସ୍ ମାଧ୍ୟମରେ ଆଲୋଚନା କରିବ ନାହିଁ।' ଗଣମାଧ୍ୟମ ଆକ୍ସିଓସ୍ ରିପୋର୍ଟ ଅନୁଯାୟୀ ଟ୍ରମ୍ପ ସୋମବାର ତାଙ୍କର ଶୀର୍ଷ ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି ନେଇ ଦଳ ସହିତ ଏକ କକ୍ଷ ବୈଠକ କରିବା କାର୍ଯ୍ୟକ୍ରମ ରହିଛି। ତେହେରାନର ତୈଳ କ୍ଷେତ୍ରକୁ ନିଶାଣ କରି ଚାପ ପକାଇବା ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ପରେ, ଇରାନର ଉପରାଷ୍ଟ୍ରପତି ଇସମାଇଲ ସାଘାବ ଏସଫାହାନି ରବିବାର ଦେଶର ଭିତ୍ତିଭୂମିକୁ ଯେକୌଣସି କ୍ଷତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିରୋଧରେ ଚାରିଗୁଣ ପ୍ରତିଶୋଧ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସାଘାବ କହିଛନ୍ତି ଯେ ଇରାନର ସୁବିଧା ଉପରେ ଯେକୌଣସି ଆକ୍ରମଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ସୃଷ୍ଟି କରିବ। 'ଯଦି ଅବରୋଧ ଫଳରେ ତୈଳ କୂପ ସମେତ ଆମର ଭିତ୍ତିଭୂମିର କୌଣସି ଅଂଶ କ୍ଷତିଗ୍ରସ୍ତ ହୁଏ, ତେବେ ଆମେ ଗ୍ୟାରେଣ୍ଟି ଦେଉଛୁ ଯେ ଆକ୍ରମଣକାରୀଙ୍କୁ ସମର୍ଥନ କରୁଥିବା ଦେଶ ଗୁଡ଼ିକରେ ସମାନ ଭିତ୍ତିଭୂମି ଉପରେ ଚାରିଗୁଣ କ୍ଷତି ହେବ,'ସେ ରବିବାର ଏକ୍ସ ରେ ଏହା ଉଲ୍ଲେଖ କରିଛନ୍ତି।

# ହର୍ମୁଜ୍‌ରେ ଜାହାଜ ଉପରକୁ ଆକ୍ରମଣ

## ଆକ୍ରମଣ କରାଯାଇଥିବା ଜାହାଜରେ ୨୨ ଭାରତୀୟ



ନୂଆଦିଲ୍ଲୀ, ୨୭ ।୪: ନିକଟରେ ହର୍ମୁଜ୍ ପ୍ରଣାଳୀରେ ଇରାନ ଗୁଳିଚାଳନା କରିଥିବା ତିନୋଟି କଣ୍ଟେନର ଜାହାଜ ମଧ୍ୟରୁ ଦୁଇଟିରେ ୨୨ ଜଣ ଭାରତୀୟ ନାବିକ ଅଛନ୍ତି। ଜାହାଜ ଚଳାଚଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସେମାନେ ସୁରକ୍ଷିତ ଅଛନ୍ତି। ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ ନୌସେନା ଦ୍ୱାରା ଆକ୍ରମଣ ପରେ ପ୍ରଣାଳୀର ପୂର୍ବରେ ଫସି ରହିଥିବା ପାନାମା-ପତାକାଯୁକ୍ତ କଣ୍ଟେନର ଜାହାଜ ୟୁଫୋରିଆରେ ୨୧ ଜଣ ଭାରତୀୟ ଅଛନ୍ତି। ଆଉ ଜଣେ ଭାରତୀୟ ନାବିକ ଲାଇବେରିଆ-ପତାକାଯୁକ୍ତ ଏପାମିନୋଣ୍ଡାସରେ ଅଛନ୍ତି। ଏହାକୁ ଇରାନୀ ସେନା ଦ୍ୱାରା ପାନାମା-ପତାକାଯୁକ୍ତ ଏମଏସସି ଫ୍ରାନସ୍କୋ ସହିତ ଜବତ କରାଯାଇଛି। ଏପାମିନୋଣ୍ଡାସ ଗୁଜରାଟର ମୁନ୍ଦ୍ରା ବନ୍ଦରକୁ ଏହାର ଗନ୍ତବ୍ୟସ୍ଥଳ ଭାବରେ ସୂଚାଉଛି।

# ଖୁବ୍‌ଶୀଘ୍ର ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ଫଳ



ଭୁବନେଶ୍ୱର, ୨୭ ।୪: ଖୁବ୍ ଶୀଘ୍ର ପ୍ରକାଶ ପାଇବ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ଫଳ। ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏନେଇ କହିଛନ୍ତି, ଖୁବ୍ ଶୀଘ୍ର ଆସିବ ଫଳାଫଳ। ପରୀକ୍ଷା ପରିଚାଳନା ଠିକ୍ ଢଙ୍ଗରେ ହୋଇଥିଲା। ତ୍ରୁଟି ବିହୀନ ପରୀକ୍ଷା ପରିଚାଳନା ହେତୁ ଖୁବଶୀଘ୍ର ପିଲାଙ୍କ ରେଜଲ୍ଟ ବାହାରିବ। ଯଥା ସମୟରେ ଏହା ପ୍ରକାଶ ପାଇବ। ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି।

# ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣା: ୪ ମୃତ

ଭୁବନେଶ୍ୱର, ୨୭ ।୪ : ମୟୂରଭଞ୍ଜ ଜିଲ୍ଲାରେ ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି ।୨୨୦ ନମ୍ବର ଜାତୀୟ ରାଜପଥ କରଞ୍ଜିଆ ବାଉନାଶାଳ ନିକଟସ୍ଥ ଗ୍ରୀଡ ସମ୍ମୁଖରେ ଏକ ଭୟାବହ ଦୁର୍ଘଟଣା ସକାଳ ପ୍ରାୟ ୧୧ ଟା ସମୟରେ ଘଟିଛି । ଏକ ସ୍କର୍ପିଓ ଦ୍ରୁତ ଗତିରେ ଘଟଗାଁ ତାରିଣୀ ଦର୍ଶନ ପାଇଁ ଝାଡ଼ଖଣ୍ଡର ଜାମସେଦପୁରରୁ ଆସୁଥିବା ବେଳେ ଏକ ମଟରସାଇକେଲ କରଞ୍ଜିଆ ପଟରୁ ଯାଉଥିବା ବେଳେ ଧକ୍କା ହୋଇଥିଲା। ମୋଟରସାଇକେଲଟି ରାସ୍ତାରୁ ଛିଟିକି ପଡ଼ିଥିଲା ଏବଂ ସ୍କର୍ପିଓର ମଧ୍ୟ ସମ୍ମୁଖ ପଟ ପୂରା ନଷ୍ଟ ହୋଇ ଯାଇଛି । ମୋଟରସାଇକେଲ ଯୋଗେ କରଞ୍ଜିଆ ପଟରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ



ହେବା ପରେ ନିଜ ଘର ଯଶିପୁର ବ୍ଲକ ପାଣ୍ଡକୁ ଯାଉଥିବା ସ୍ୱାମୀ ଓ ସ୍ତ୍ରୀ କବିତା ନାଏକ ଓ ଶଙ୍କର ନାଏକ ଏହି ଦୁର୍ଘଟଣାରେ ଗୁରୁତର ହୋଇ ରାସ୍ତା ଉପରେ ପଡ଼ିଥିବା ରାସ୍ତାରେ ଯାଉଥିବା ଲୋକେ ଦେଖି କରଞ୍ଜିଆ ଥାନାକୁ ଖବର ଦେଇଥିଲେ। ଖବର ପାଇ କରଞ୍ଜିଆ ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶ ମୁତାବକ ଉଭୟ କବିତା ଓ ଶଙ୍କରଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।ଏହି ଦୁର୍ଘଟଣାରେ ସ୍କର୍ପିଓରେ ଯାଉଥିବା ୨ ଜଣ ମହିଳା ଆହତ ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେହିପରି କରଞ୍ଜିଆ ବ୍ଲକ ଠାକୁରମୁଣ୍ଡା- କରଞ୍ଜିଆ ରାଜ୍ୟ ରାଜପଥ ନମ୍ବର ୫୩ କାଦଡିହା ଭାଟିସାହି ଛକ ଏକ ହୁଡ଼ି ନିକଟରେ ସକାଳ ପ୍ରାୟ ସାଢ଼େ ୧୧ ସମୟରେ କରଞ୍ଜିଆ ପଟରୁ ଉଦଳା ଯାଉଥିବା ପ୍ରଶାନ୍ତି ବସ୍ ସହ ଅପର ପଟରୁ ଆସୁଥିବା ଏକ କାର ନମ୍ବର ଓଡି୦୪ଜେ ୦୦୨୨ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ କାରରେ ଥିବା ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନୀଳମଣି ସାହୁ ଓ ଧର୍ମଶାଳାର ମବୁ ବଳ।

# ମଇ ୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୨୭।୪: ଅପ୍ରେଲ ୨୭ରୁ ମଇ ୧ ତାରିଖ ପର୍ଯ୍ୟନ୍ତ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଅପ୍ରେଲ ୨୭ ଓ ୨୮ ତାରିଖରେ ଓଡ଼ିଶା ଓଡ଼ିଶା ଉପକୂଳ ଏବଂ ବାହାରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ତଥା ଏହାର ଝଟକା ୭୦ କି.ମି. ଛୁଇଁପାରେ । ସେହିପରି ଅପ୍ରେଲ ୨୯ରୁ ମଇ ୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଓଡ଼ିଶା ଉପକୂଳ ଏବଂ ବାହାରେ ପବନର ବେଗ ଘଣ୍ଟା ପ୍ରତି ୪୫ରୁ ୫୫ କି.ମି. ତଥା ଏହାର ଝଟକା ୬୫ କି.ମି. ଛୁଇଁପାରେ । ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

■ ୮ ବିଧାୟକଙ୍କ ସଭ୍ୟ ପଦ

# ରଦ୍ଦ ପାଇଁ ବାଚସ୍ପତିଙ୍କୁ ଭେଟିଲା ବିଜେଡି

■ ତୁରନ୍ତ ସଭ୍ୟ ପଦରୁ ବିଦା ହୁଅନ୍ତୁ: ପ୍ରମିଳା

ଭୁବନେଶ୍ୱର, ୨୭ ।୪(ନିପ୍ର) ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ପରେ ବିଜେଡି ବିଧାୟକମାନେ ବାଚସ୍ପତିଙ୍କୁ ଭେଟି ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ



ଯେ ବିଜେଡିର ୬ ଜଣ ବିଧାୟକ ଦେବୀ ରଂଜନ ତ୍ରିପାଠୀ , ସୌଭିକ ବିଶ୍ୱାଳ , ନବ ମଲ୍ଲିକ , ରମାକାନ୍ତ ଭୋଇ, ସୁବାସିନୀ ଜେନା ଓ ଚକ୍ରମଣି କହଁର ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ନିଲମ୍ବିତ ହୋଇଥିଲେ। ଏହା ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ସନାତନ ମହାକୁଡ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଥିଲା ବିଜେଡି ।ଯେଉଁ ବିଧାୟକ ଦଳ ବିରୋଧୀ କାମ କରିଛନ୍ତି ତାଙ୍କର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରମିଳା କହିଛନ୍ତି ବିଜେଡି ପକ୍ଷରୁ ମୁଖ୍ୟ ସଚେତକ ଭାବେ ମୁଁ ବାଚସ୍ପତିଙ୍କୁ ଲେଖିଛି। ଯେଉଁ ୮ ବିଧାୟକ ଦଳ ବିରୋଧୀ କାମ କରିଛନ୍ତି, ସେମାନଙ୍କର ଆବଶ୍ୟକ ନାହିଁ। ସେମାନେ ତୁରନ୍ତ ସଭ୍ୟ ପଦରୁ ବିଦା ହୁଅନ୍ତୁ, ନ ହେଲେ ନିଜ ଆଡୁ ପଦ ଛାଡ଼ନ୍ତୁ। ସେମାନେ ଯଦି ଏତେ ଲୋକପ୍ରିୟ ସଭ୍ୟ ପଦରୁ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ଦିଅନ୍ତୁ ଏବଂ ଆଉ ଥରେ ଲୋକଙ୍କ ମତ ଲୋଡନ୍ତୁ। ଅନ୍ୟ ରାଜ୍ୟ ଭଳି ଏଠି ମଧ୍ୟ ବାଚସ୍ପତି ତୁରନ୍ତ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଅନୁରୋଧ କରିଛୁ।

ଜମାରାଶି ଫେରି ପାଇବା ପାଇଁ

# ଭଉଣୀ କଙ୍କାଳ ଧରି ବ୍ୟାଙ୍କରେ ଭାଇ

ପୋଲିସକୁ ଖବର ପରେ ପୁଣି ପୋତି ଦିଆଗଲା



କେନ୍ଦୁଝର, ୨୭ ।୪(ନିପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଘଟିଛି ସମ୍ବେଦନଶୀଳ ତଥା ଚାଞ୍ଚଲ୍ୟକର ଘଟଣା। ବ୍ୟାଙ୍କ ସମ୍ମୁଖରେ ଭଉଣୀର ଶବ ରଖି ଆଜି ଟଙ୍କା ମାଗିଛି ଭାଇ । ଏଭଳିଘଟଣା ଘଟିଛି ପାଟଣା ବ୍ଲକ ମଲିପଶି ସ୍ଥିତ ଏକ ଶାଖା ବ୍ୟାଙ୍କ ସାମ୍ନାରେ। ଶବ ରଖି ମୃତ ଭଉଣୀ ଜମା ବ୍ୟାଙ୍କରେ ରଖିଥିବା ଟଙ୍କା ମାଗିଥିଲେ ବୃଦ୍ଧ ବ୍ୟକ୍ତି । କୁହାଯାଉଛି ଯେ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ଭଉଣୀଙ୍କ ମୃତ୍ୟୁ ସାର୍ଟିଫିକେଟ୍ ଆଣିବା ପାଇଁ କୁହାଯାଇଥିଲା । ସୂଚନା ଅନୁଯାୟୀ, ମଲ୍ଲିପୋଷୀ ସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ନିକଟସ୍ଥ ଡ଼ିଆନାଳି ଗାଁର ଜିତୁ ମୁଣ୍ଡା ନିଜ ଭଉଣୀର ମୃତଦେହ ଖୋଳି ବ୍ୟାଙ୍କ ସମ୍ମୁଖରେ ପହଞ୍ଚିଥିଲେ। ଜିତୁ ମୁଣ୍ଡାଙ୍କ ଭଉଣୀ କାଳା ମୁଣ୍ଡାଙ୍କ ନାଁରେ ଥିବା ୧୯ହଜାର ୩୦୦ ଟଙ୍କାର ଜମା ରାଶି ପାଇବା ପାଇଁ ସେ ଏପରି ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ଘଟଣା ସ୍ଥଳରେ ଲୋକଙ୍କ ପ୍ରବଳ ଭିଡ଼ ଜମିବା ସହ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ଅନୁଯାୟୀ ଜିତୁ ମୁଣ୍ଡା ୨ ଦିନ ପର୍ବରୁ ମୃତ ଭଉଣୀଙ୍କ ଜମା ଟଙ୍କା ଆଣିବାକୁ ବ୍ୟାଙ୍କ ଯାଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଦେବା ପାଇଁ ମନା କରିଦେଇଥିଲେ । ମୃତ ବ୍ୟକ୍ତିର ପୁଅ ଝିଅ କି ସ୍ୱାମୀ ଆସିଲେ ଟଙ୍କା ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏଥିରେ ବିରକ୍ତ ହୋଇ ପରେ ଜିତୁ ମୁଣ୍ଡା ମଶାଣିରୁ ଭଉଣୀର ମୃତଦେହକୁ ଖୋଳି ବ୍ୟାଙ୍କ ଆଗରେ ରଖି ଟଙ୍କା ମାଗିଥିଲେ । ଭଉଣୀ କାଳା ମୁଣ୍ଡାଙ୍କ କିଛି ଦିନ ତଳେ ମୃତ୍ୟୁ ହୋଇଥିଲା । ତାଙ୍କ ନାଁରେ ଏହି ବ୍ୟାଙ୍କରେ ଟଙ୍କା ଜମା ଥିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା । ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସଙ୍କୁ ଖବର ଦେବା ପରେ, ମୃତଦେହକୁ ନେଇ ପୁନର୍ବାର ପୋତି ଦିଆଯାଇଥିଲା। ମୃତକ ଜଣକ ଗୋରୁ ବିକା ଟଙ୍କା ନିଜ ଜମାଖାତାରେ ରଖିଥିଲେ ବୋଲି କୁହାଯାଉଛି ।

# ବିକ୍ରି ହେଉଛି ଆନ୍ଧ୍ର ବିଏଡ୍ ସାର୍ଟିଫିକେଟ୍ ! ଟଙ୍କା ଦେଇ ଫସିଲେ ୩୦୦ ଆଶାୟୀ

ଝାରସୁଗୁଡ଼ା, ୨୭ ।୪: ଟଙ୍କା ଦେଲେ ଆନ୍ଧ୍ର ବିଏଡ୍ ସାର୍ଟିଫିକେଟ୍ ମିଳିବ ଓ ଏଥିପାଇଁ ଅଫିସ୍ ଖୋଲାଯାଇ ବିଜ୍ଞାପନ ଦିଆଯାଇଥିଲା । ଆଶାୟୀଙ୍କୁ ମିଠା ମିଠା କଥା କହି ଫସାଉ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ । ପରେ ଭୁଆଁ ବୁଲାଉଥିଲେ ଠକମାନେ। କେନ୍ଦୁଝର ସମେତ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲାରେ ଏଭଳି ଏକ ବଡ଼ଧରଣର ସ୍କାମ୍‌ରେ ୩୦୦ରୁ ଅଧିକ ଆଶାୟୀ ଠକେଇର ଶିକାର ହୋଇଥିବା ଏକ ସୂତ୍ରରୁ ପ୍ରକାଶ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ତଥା ବୁର୍ଲା ଥାନାଠାରୁ ଅନତି ଦୂରରେ ଅଫିସ ଖୋଲି ଥିଲେ ଅଭିଯୁକ୍ତ ଚିତ୍ତରଞ୍ଜନ ବାରିକ ଏବଂ ରୀମା ଦାସ । ନିକଟରେ ଉଭୟ ଗିରଫ ହେବା ପରେ ଏହାର ପର୍ଦ୍ଦାଫାସ ହୋଇଛି । ଚିତ୍ତରଞ୍ଜନ ଏବଂ ରୀମା ଆନ୍ଧ୍ରପ୍ରଦେଶର ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରୁ ବିଏଡ୍ ସାର୍ଟିଫିକେଟ କରାଇ ଦେବାକୁ କହି ବୁର୍ଲାରେ 'ୱାନ ୱାର୍ଲଡ ଏକାଡେମୀ' ନାମକ ସଂସ୍ଥା ଖୋଲିଥିଲେ । ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବଲାଙ୍ଗିର, ବରଗଡ଼, ନୂଆପଡ଼ା ଏବଂ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀ ବିଏଡ୍ ସାର୍ଟିଫିକେଟ ଆଶାରେ ଦାବି ମୁତାବକ ଅର୍ଥ ପୈଠ କରିଥିଲେ । ହେଲେ କେତେକ ଆଶାୟୀ ସଂସ୍ଥାର କାରବାରକୁ ନେଇ ସନ୍ଦେହ ପ୍ରକଟ କରିଥିଲେ । କାରଣ ୨ ଅଭିଯୁକ୍ତ ବିଭିନ୍ନ ଆଳରେ ହଇରାଣ କରୁଥିଲେ । ବାରମ୍ବାର ଅର୍ଥ ହାତେଇ ନେଇ ସାର୍ଟିଫିକେଟ୍ ନ ଦେଇ ଠକି ଚାଲିଥିଲେ ।ଏନେଇ ଗତ ୨୩ ତାରିଖ ଝାରସୁଗୁଡ଼ା ସାଇବର ଥାନାରେ ଅଭିଯୋଗ ହୋଇଥିଲା ବୋଲି ଏହି ସୂତ୍ରରୁ ପ୍ରକାଶ । ରାଜ୍ୟର ଆଉ କେଉଁ କେଉଁ ଜିଲ୍ଲାକୁ ଏହାର ଚେର ଲମ୍ବିଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ପ୍ରକାଶ କରିଥିବା କୁହାଯାଉଛି ।

# ନିଆଁ ଆଁ'ରେ ୧୯ ଜଙ୍ଗଲ ଡିଭିଜନ

## ଗତବର୍ଷ ଅପେକ୍ଷା ଏଥର ନିୟନ୍ତ୍ରିତ : ପିସିସିଏଫ୍



ଭୁବନେଶ୍ୱର, ୨୭ ।୪(ନିପ୍ର): ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଜଙ୍ଗଲ ବିଭାଗ ସଜାଗ ରହିଛି। ୧୯ ଟି ଡିଭିଜନରେ ନିଆଁ ଲାଗିଥିବା ଜଣାପଡିଛି । ହେଲେ ବାଲିଗୁଡା ଓ କଳାହାଣ୍ଡି ରେଞ୍ଜରେ ଅଧିକ ସଂଖ୍ୟାରେ ନିଆଁ ଲାଗୁଛି ବୋଲି ପିସିସିଏଫ କେ. ମୁରୁଗେସନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପୋଡୁ ଚାଷ ପାଇଁ ଲୋକେ ନିଆଁ ଲଗାଉଛନ୍ତି। ଯଦିଓ ଏହା ଚାଷ ଜମି, ହେଲେ ଜଙ୍ଗଲ ଡିଭିଜନରେ ଆସୁଥିବାରୁ ସଂଖ୍ୟା ବଢିଚାଲିଛି। ହେଲେ ଗତ ବର୍ଷ ଅପେକ୍ଷା ଏଥର ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ରହିଛି। ଗତ ବର୍ଷ ପ୍ରାୟ ୩୦ ହଜାର ପଏଣ୍ଟରେନିଆଁ ଲାଗିଥିବା ବେଳେ ଏଥର ଏହା ୨୦ ହଜାର ପଏଣ୍ଟରେ ପହଞ୍ଚିଛି ।ଜଙ୍ଗଲ ନିଆଁ ଖବର ମିଳିବା ମାତ୍ରେ ୧୫ ମିନିଟରୁ ଅଧ ଘଣ୍ଟାଏ ଭିତରେ ନିଆଁ ଲିଭାଇବା ପାଇଁ ଉଦ୍ୟମ ହେଉଛି। ମୁକାବିଲା ହାର ୯୯ ପ୍ରତିଶତ ରହିଛି। ବନ ବିଭାଗ କର୍ମଚାରୀଙ୍କ ଆନ୍ତରିକ ଉଦ୍ୟମ ଓ ବନ ସୁରକ୍ଷା ସମିତିର ସଜାଗ ଯୋଗୁଁ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇପାରୁଛି ବୋଲି ସେ କହିଛନ୍ତି।

# ଝାରସୁଗୁଡ଼ାରେ ଅଗ୍ନିବର୍ଷା

■ ପାରଦ ୪୪.୭ ଡିଗ୍ରୀରେ ପହଞ୍ଚିଲା



ଭୁବନେଶ୍ୱର, ୨୭ ।୪(ନିପ୍ର): ସୋମବାର ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଦ୍ୱାରା ଜାରି ବୁଲେଟିନ୍ ଅନୁଯାୟୀ, ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି। ଏହି ସ୍ଥାନର ତାପମାତ୍ରା ୪୪.୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ବହୁ ଜିଲ୍ଲାରେ ୪୦ ଡିଗ୍ରୀ ସେଲସିୟସ ଉପରେ ତାପମାତ୍ରା ରେକର୍ଡ କରାଯାଇଛି। ଅନୁଗୁଳ ଏବଂ ସମ୍ବଲପୁର ପ୍ରତ୍ୟେକରେ ୪୩.୨ ଡିଗ୍ରୀ ,ସୁନ୍ଦରଗଡ଼ ଏବଂ ରାଉରକେଲାରେ ୪୩.୦ ଡିଗ୍ରୀ, ବୌଦ୍ଧ ୪୩.୫ ଡିଗ୍ରୀ, ବଲାଙ୍ଗୀରରେ ୪୩.୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ ହୋଇଛି। ଯାହା ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରକୋପକୁ ସୂଚାଏ ।ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୬.୫ ଡିଗ୍ରୀ , କଟକରେ ୩୬.୮ ଡିଗ୍ରୀ,ବାଲେଶ୍ୱରରେ ୩୮.୩ ଡିଗ୍ରୀ, ଚାନ୍ଦବାଲିରେ ୩୭.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।





# କିଷ୍କିନ୍ଧ୍ୟା କାଣ୍ଡ

## ସୁଗ୍ରୀବଙ୍କ ସଙ୍ଗେ ଶ୍ରୀରାମଙ୍କ ବନ୍ଧୁତା ସ୍ଥାପନ

**କିଷ୍କିନ୍ଧା କାଣ୍ଡ ହେଉଛି ରାମାୟଣ ମହାକାବ୍ୟର ଚତୁର୍ଥ ପୁସ୍ତକ, ଯେଉଁଥିରେ କିଷ୍କିନ୍ଧାର ବାନର ରାଜ୍ୟରେ ରାମଙ୍କ ବାନର (ବାନର) ରାଜା ସୁଗ୍ରୀବଙ୍କ ସହ ମିତ୍ରତା, ତାଙ୍କୁ ତାଙ୍କ ଭାଇ ବାଲିଙ୍କୁ ପରାସ୍ତ କରିବାରେ ସାହାଯ୍ୟ କରିବା ଏବଂ ତା'ପରେ ହନୁମାନଙ୍କ ନେତୃତ୍ୱରେ ସୀତାଙ୍କୁ ଖୋଜିବାର ବିବରଣୀ ଦିଆଯାଇଛି, ଯାହା ଲଙ୍କାରେ ତାଙ୍କ ସ୍ଥାନ ଆବିଷ୍କାର କରିବାରେ ପରିଣାମ ସ୍ୱରୂପ ହୋଇଥିଲା। ପ୍ରମୁଖ ଘଟଣାଗୁଡ଼ିକ ମଧ୍ୟରେ ରାମଙ୍କ ପମ୍ପା ହ୍ରଦରେ ହନୁମାନଙ୍କୁ ସାକ୍ଷାତ, ରାମଙ୍କ ଦ୍ୱାରା ସୁଗ୍ରୀବଙ୍କ ସିଂହାସନ ପୁନରୁଦ୍ଧାର ପାଇଁ ବାଲିଙ୍କୁ ବଧ କରିବା, ସୁଗ୍ରୀବଙ୍କ ଅସ୍ଥାୟୀ ବିସ୍ମୃତି, ଏବଂ ସମ୍ପତିଙ୍କ ସହାୟତାରେ ସୀତାଙ୍କ ସ୍ଥାନ ଆବିଷ୍କାର କରିବାରେ ହନୁମାନ ଏବଂ ଅଙ୍ଗଦଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନ୍ତର୍ଭୁକ୍ତ।**







ଇତି ମଧ୍ୟରେ ରାମ ଓ ଲକ୍ଷ୍ମଣ ପମ୍ପା ସରୋବର ନିକଟରେ ପହଞ୍ଚିଲେ । ପଥରେ ରାମ ଶବରୀର ଭକ୍ତିପୂର୍ଣ୍ଣ ଆତିଥ୍ୟ ଗ୍ରହଣ କରିଥିଲେ । ତତ୍ପରେ ସୁଗ୍ରୀବଙ୍କ ସନ୍ଧାନରେ ଦୁଇଭାଇ ଋଷ୍ୟମୁଖ ପର୍ବତ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ସୁଗ୍ରୀବ ସେଠାରେ ରାମଲକ୍ଷ୍ମଣ ଦୁଇ ଭାଇଙ୍କୁ ଦେଖି ପ୍ରମାଦ ଗଣିଲା । ବାଳୀଙ୍କଦ୍ୱାରା ପ୍ରେରିତ ହୋଇ ସୁଗ୍ରୀବଙ୍କୁ ବଧ କରିବା ଉଦ୍ଦେଶ୍ୟରେ ଆସିଥାଇପାରନ୍ତି ଭାବି ଭୟଭୀତ ହେଲା । ତେବେ ସୁଗ୍ରୀବଙ୍କ ତରଫରୁ ତାଙ୍କ ମନ୍ତ୍ରୀ ହନୁମାନ ରାମ ଲକ୍ଷ୍ମଣଙ୍କୁ ଦେଖାକରି ସୁଗ୍ରୀବଙ୍କ ବିଷୟରେ କହିଲେ ଏବଂ ସୁଗ୍ରୀବଙ୍କ ସହ ରାମ ଲକ୍ଷ୍ମଣଙ୍କ ସାକ୍ଷତ କରାଇଲେ । ସେଠାରେ ବିଶ୍ରାମ ନେବାପରେ ସୁଗ୍ରୀବଙ୍କ ସହ ତାଙ୍କର ଦେଖା ହେଲା । ସୁଗ୍ରୀବଙ୍କ ଭାଇ ବାଳୀ ଇତିମଧ୍ୟରେ ସୁଗ୍ରୀବଙ୍କୁ ତଡ଼ିଦେଇ ନିଜେ କିଷ୍କିନ୍ଧ୍ୟାର ରାଜା ହୋଇଥିଲେ ଏବଂ ସୁଗ୍ରୀବଙ୍କ ସ୍ତ୍ରୀଙ୍କୁ ବଳପୂର୍ବକ ନେଇ ରାଣୀକରି ରଖିଥିଲେ । ସୁଗ୍ରୀବଙ୍କ ସହ ବନ୍ଧୁତା ସ୍ଥାପନ କଲାପରେ ରାମ ଆଶ୍ୱାସନା ଦେଲେ ଯେ ସେ ସୁଗ୍ରୀବଙ୍କୁ ତାଙ୍କ ରାଜ୍ୟ ଓ ସ୍ତ୍ରୀ ଫେରିପାଇବାରେ ସହାୟତା କରିବେ । ପ୍ରତିବଦଳରେ ସୁଗ୍ରୀବ ରାମଙ୍କୁ ସୀତାଙ୍କ ଉଦ୍ଧାରରେ ବାନର ସେନା ସହ ସାହାଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦେଲେ । କିନ୍ତୁ ସମୟକ୍ରମେ ସୁଗ୍ରୀବ ତାଙ୍କ ପ୍ରତିଜ୍ଞା ଭୁଲିଯିବା ଦେଖି ତାରା, ସୁଗ୍ରୀବଙ୍କ ଦ୍ୱିତୀୟ ପତ୍ନୀ, ସୁଗ୍ରୀବଙ୍କୁ ଏ କଥା ମନେ ପକାଇଦେଇ ଲକ୍ଷ୍ମଣଙ୍କ କ୍ରୋଧରୁ ବଞ୍ଚିତ କରିପାରିଥିଲେ । ସୁଗ୍ରୀବ ତାଙ୍କର ସମସ୍ତ ବାନର ପାରିଷଦମାନଙ୍କୁ ଚାରି ଦିଗକୁ ପ୍ରେରଣ କରି ସୀତାଙ୍କ ସନ୍ଧାନ ନେବାକୁ ଆଦେଶ ଦେଲେ । ପୂର୍ବ, ପଶ୍ଚିମ ଏବଂ ଉତ୍ତର ଦିଗକୁ ଯାଇଥିବା ଦଳ ଖାଲି ହାତରେ ଫେରି ଆସିଲେ । ହେଲେ, ଅଙ୍ଗଦ ଓ ହନୁମାନ ଦକ୍ଷିଣ ଦିଗରୁ ସୂଚନା ଆଣିଲେ କି ସୀତାଙ୍କୁ ରାବଣ ହରଣ କରି ନେଇ ଲଙ୍କାରେ ବନ୍ଦୀ କରି ରଖିଛି ।

# କାହାକୁ ଦାନ କରିବେ ?



ଦାନ କରିବା ସବୁଠୁ ମହତ୍ କାମ ବୋଲି ଅନେକ ଲୋକେ ଭାବିଥାନ୍ତି । ଗରିବ ହେଉ ବା ଖାଇବାକୁ ନ ପାଇ ଏଣେ ତେଣେ ବୁଲୁଥିବା ଲୋକ ଦେଖିଲେ କିଛି ଦାନ କରିଥାଉ । ଲୋକମାନେ ମଧ୍ୟ ନିଜ କ୍ଷମତା ଅନୁସାରେ ଦାନ କରିଥାନ୍ତି । ବର୍ତ୍ତମାନ ଦେଇଥିବା ଦାନ ଭବିଷ୍ୟତରେ ଶୁଭଫଳ ଦେଇଥାଏ ବୋଲି ବିଶ୍ୱାସ ରହିଛି । କିନ୍ତୁ ଦାନ କରୁଥିବା ବ୍ୟକ୍ତି କେଉଁ ଭଳି ଲୋକଙ୍କୁ ଦାନ କରାଯିବା ଆବଶ୍ୟକ ତାହା ଜାଣି ନଥାନ୍ତି । ତେବେ ଆଜି ଆପଣଙ୍କୁ କେଉଁ ଭଳି ଲୋକଙ୍କୁ ଦାନ କରାଯିବା ଉଚିତ୍ ଆଉ କାହାକୁ ଦାନ କରିବା ଉଚିତ ନୁହେଁ ସେ ବିଷୟରେ ସୂଚନା ଦେବୁ । ଶାସ୍ତ୍ରରେ ମଧ୍ୟ ଦାନ ଦେବା ବିଷୟରେ ଅନେକ କଥା ରଚିତ ଅଛି । ତେବେ କେଉଁ ଲୋକଙ୍କୁ ଦାନ ଦେଲେ ଭଲ ଆଉ କେଉଁ ଭଳି ଲୋକଙ୍କୁ ଦାନ କଲେ କିଛି ଫଳ ମିଳେ ନାହିଁ ଜାଣନ୍ତୁ । ଶାସ୍ତ୍ର ଅନୁସାରେ ଲୋକଙ୍କୁ ଦାନ କରିବା ଶୁଭ ବୋଲି ଧରାଯାଏ । ଯେପରିକି ମା', ବାପା, ଗୁରୁ, ସାଙ୍ଗ, ବିନମ୍ର, ପରୋପକାର କରୁଥିବା ଲୋକ, ଅନାଥ ଭଳି ଲୋକଙ୍କୁ ଦାନ କରାଯିବା ଆବଶ୍ୟକ । ଏହି ଲୋକମାନଙ୍କୁ ଦାନ କଲେ ଆପଣଙ୍କ ଆଗାମୀ ଭବିଷ୍ୟତ ସୁଖମୟ ହୋଇଥାଏ । କିନ୍ତୁ ମୂର୍ଖ, ଅନ୍ୟାୟ କରୁଥିବା ଲୋକ, ଜୁଆ ଖେଳୁଥିବା ଲୋକ, ଚୋର ଇତ୍ୟାଦି ଲୋକମାନଙ୍କୁ ଦାନ ଦେବା ଉଚିତ ନୁହେଁ । ଏହିମାନଙ୍କୁ ଦାନ ଦେଲେ ଆପଣଙ୍କ କିଛି ଉପକାର ନ ହେବା ସହ ଅମଙ୍ଗଳ ହୋଇଥାଏ । ଏହିମାନଙ୍କୁ ଦାନ କଲେ ଦାନ ସବୁ ବ୍ୟର୍ଥରେ ଯାଇଥାଏ ।

# ଉଦାର ହୃଦୟର ସନ୍ଥ



ଥରେ ଭଗବାନ ମହାବୀର ଭିକ୍ଷା ପ୍ରାପ୍ତି ନିମନ୍ତେ ଏକ ଗ୍ରାମକୁ ଯାଉଥିଲେ । ରାସ୍ତାରେ ସେ ଜଣେ ନିଶ୍ଛଳ ତଥା ପରମସତ୍ୟବାଦୀ କୃଷକକୁ ଭେଟିଲେ । କୃଷକଟି ମହାବୀରଙ୍କୁ ଦେଖିବା କ୍ଷଣି ଦୁଇ ହାତ ଯୋଡ଼ି ତାଙ୍କ ପାଦ ଛୁଇଁ ନମସ୍କାର କଲା । ମହାବୀର ତୁରନ୍ତ ସେହି କୃଷକର ପାଦ ତଳେ ଲୋଟି ପଡ଼ି ତା'କୁ ମୁଣ୍ଡିଆ ମାରିଲେ । ଜଣେ ମହାନ ସନ୍ନ୍ୟାସୀଙ୍କୁ ନିଜ ପାଦ ତଳେ ଦେଖି କୃଷକ ଜଣକ ହଡ଼ବଡ଼େଇ ଗଲା । ତା'ର ଆଖି ଲୋତକରେ ଭରିଗଲା । ସେ କହିଲା, ହେ ଅରିହନ୍ତ ! ଆପଣ ତ୍ୟାଗ, ତପସ୍ୟା ତଥା ଜ୍ଞାନର ସାକ୍ଷାତ ଭଣ୍ଡାର । ଆପଣଙ୍କ ଏହି ମହାନ ସଦ୍‌ଗୁଣ ନିମନ୍ତେ ମୁଁ ଆପଣଙ୍କ ପାଦ ସ୍ପର୍ଶ କରି ଆପଣଙ୍କୁ ପ୍ରଣାମ କଲି । ମାତ୍ର ମୋ ଭଳି ଜଣେ ଅକିଞ୍ଚନ କୃଷକର ପାଦ ତଳେ ମୁଣ୍ଡ ନୁଆଁଇ କାହିଁକି ଆପଣ ମୋତେ ପାପର ଭାଗୀ କଲେ ? ଏହାଶୁଣି ଭଗବାନ ମହାବୀର କହିଲେ, ତୁମ ନିଶ୍ଛଳତା, ତୁମ ପବିତ୍ର ଆତ୍ମା ତଥା ତୁମର ସତ୍ୟନିଷ୍ଠା ସମ୍ମୁଖରେ ମୋ ତପସ୍ୟାର ପ୍ରଭାବ କିଛିନୁହେଁ । ତୁମର ସତ୍ୟ ମୋର ତପସ୍ୟା ଠାରୁ ମହାନ । ସେଥିପାଇଁ ମୁଁ ତୁମକୁ ପ୍ରଣାମ କଲି । ସେଠାରେ ଉପସ୍ଥିତ ଜନତା ମହାବୀରଙ୍କ ମହାନ ଉଦାରତା ଏବଂ ନିରାଭିମାନ ଦେଖି ଧନ୍ୟ ହୋଇଗଲେ ।



# ବାହାର ଚନ୍ଦନଯାତ୍ରା



ଦକ୍ଷିଣଘରୁ (ଅଣସର ଘରର ଦକ୍ଷିଣରେ ଥିବା ବେହରଣ ଦ୍ୱାର ମୁହଁରେ ଥିବା ଘର) ଅଷ୍ଟଧାତୁ ନିର୍ମିତ ତିନୋଟି ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ, ରାମ (ବଳରାମ) ଓ ରତ୍ନସିଂହାସନ ଉପରୁ ଦୁଇଟି ଚଳନ୍ତି ପ୍ରତିମା ଲକ୍ଷ୍ମୀଙ୍କର ସୁବର୍ଣ୍ଣ ପ୍ରତିମା ଓ ସରସ୍ୱତୀଙ୍କର ରୌପ୍ୟ ପ୍ରତିମା ବାହାର ଚନ୍ଦନରେ ଭାଗ ନିଅନ୍ତି । ଚନ୍ଦନ ଯାତ୍ରା ପଟୁଆରରେ ସମୁଦାୟ ଦଶଗୋଟି ଚଳନ୍ତି ପ୍ରତିମା ବିମାନ ଓ ପାଲିଙ୍କିରେ ବିଜେ କରିଥାନ୍ତି । ସବୁଠୁ ସୁଦୃଶ୍ୟ ବିମାନରେ ବିଜେ କରିଥାନ୍ତି ମଦନମୋହନ, ଶ୍ରୀଦେବୀ (ବା ଲକ୍ଷ୍ମୀ) ଓ ଭୂଦେବୀ (ବା ସରସ୍ୱତୀ, ବିଶ୍ୱଧାତ୍ରୀ) । ବିମାନ ପଛ ପାଲିଙ୍କିଟିରେ ବଳରାମ ଓ କୃଷ୍ଣ ଆରୋହଣ କରିଥାନ୍ତି ପୁଣି ଅନ୍ୟ ପାଞ୍ଚଗୋଟି ବିମାନରେ ପଞ୍ଚୁପାଣ୍ଡବ ରୂପେ ପରିଚିତ ପଞ୍ଚ ମହାଦେବ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଓ ଶ୍ରୀକପାଳମୋଚନ ବିଜେ କରିଥାନ୍ତି । ନରେନ୍ଦ୍ର ପୁଷ୍କରିଣୀ କୂଳରେ ଏକ ଛାମୁଣ୍ଡିଆ ତିଆରି ହୋଇଥାଏ । ସେହି ଛାମୁଣ୍ଡିଆ ତଳେ ଦଶଟି ଯାକ ଚଳନ୍ତି ପ୍ରତିମାଙ୍କୁ ଅବସ୍ଥାପିତ କରାଯାଇ ରୁପା ପିଙ୍ଗଣରେ ଥିବା ସୁବାସିତ ଜଳରେ ପଦଧୌତ କରାଯାଏ । ଯୋଡ଼ିଏ ଲେଖାଁଏ ନୌକା ଯୁକ୍ତ ହୋଇ ଦୁଇ ଗୋଟି ଚାପ ପ୍ରସ୍ତୁତ ହୋଇ ଥାଏ । ଚାପ ଗୁଡ଼ିକୁ ଜରିକାମ ହୋଇଥିବା ମଣ୍ଡଣିଦ୍ୱାରା ସୁଶୋଭିତ କରାଯାଇଥାଏ । ଗୋଟିଏ ଚାପରେ ଥିବା ରୁପା କାରୁକାର୍ଯ୍ୟ ସମ୍ପନ୍ନ ସିଂହାସନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ବଳରାମ ଓ କୃଷ୍ଣ ଉପବେଶନ କରନ୍ତି । ଅନ୍ୟ ଚାପଟିରେ ବସନ୍ତି ପଞ୍ଚୁପାଣ୍ଡବ ରୂପେ ପରିଚିତ ମହାଦେବମାନେ । ପ୍ରତିମାମାନଙ୍କ ସହ ଚାପଦ୍ୱୟରେ ପୂଜାପଣ୍ଡା, ସିଂହାରୀ, ଗରାବଡୁ, ସୁଆରବଡୁ, ପତ୍ରୀବଡୁ, ହଡ଼ପ, ଖୁଣ୍ଟିଆ ପ୍ରଭୃତି ସେବକ ରହିଥାଆନ୍ତି । ଚାପ ଦ୍ୱୟ ନରେନ୍ଦ୍ର ଜଳରେ ଘେରାଏ ଘେରାଏ ବୁଲି ଆସନ୍ତି । ସ୍ନାନରୀତି ନିମନ୍ତେ ତିନିଗୋଟି କୁଣ୍ଡରେ ଚନ୍ଦନ, କର୍ପୁର, କସ୍ତୁରୀ, ଜାଇଫଳ, ମଲ୍ଲୀ, ଚମ୍ପା, ଜୁଇ, ସୁଗନ୍ଧରାଜ, ଗୋଲାପ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳ ପ୍ରସ୍ତୁତ କରାଯାଏ । ସେହି କୁଣ୍ଡରେ ବୁଡ଼ ପକାନ୍ତି ଚଳନ୍ତି ପ୍ରତିମାମାନେ । ପାଣିରେ ଅବଗାହନ ପରେ ବେଶ କରାଯାଏ ମଦନମୋହନଙ୍କୁ । ଚନ୍ଦନ ଯାତ୍ରାର ଏକୋଇଶ ଦିନରୁ କୋଡ଼ିଏ ଦିନ ମଦନମୋହନ ପ୍ରତ୍ୟେକ ଦିନ ନୂଆ ବେଶ ଧାରଣ କରନ୍ତି ।



# ମଣିଷ ଭଳି ଆଚରଣ ଜରୁରୀ



*ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ ।*



ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ । ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମେଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଂଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

# ପବିତ୍ର ମନରେ କରନ୍ତୁ ଆରାଧନା



**ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ସକାଳେ ସ୍ନାନ କରି ସାରିବା ପରେ ଏମିତି କିଛି ବିଶେଷ କାମ ରହିଛି; ଯାହାକୁ କରିବା ଦ୍ୱାରା ଘରେ ସୁଖଶାନ୍ତି ବଢ଼ିବା ସହ ଧନ ମଧ୍ୟ ବୃଦ୍ଧି ହୋଇଥାଏ । ଯେମିତିକି: ପ୍ରତିଦିନ ସ୍ନାନ କରି ସାରିବା ପରେ ସୂର୍ଯ୍ୟ ନମସ୍କାର କରି ନିଜର ଇଷ୍ଟଦେବଙ୍କୁ ପବିତ୍ର ମନରେ ଆରାଧନା କଲେ ମନକୁ ଶାନ୍ତି ମିଳିବା ସହ ଘରେ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି । ତା'ପରେ ତୁଳସୀ ଚଉଁରାରେ ଜଳ ଦେଇ ମୁଣ୍ଡିଆ ମାରିଲେ ଐଶ୍ୱର୍ଯ୍ୟ ବୃଦ୍ଧି ହୁଏ ବୋଲି ମାନ୍ୟତା ରହିଛି । ଏସବୁ କାର୍ଯ୍ୟ ପରେ ଘରର ଚାରିଆଡ଼େ ଗଙ୍ଗାଜଳ ଛିଞ୍ଚିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ଲୋକବିଶ୍ୱାସ ରହିଛି । ଅନ୍ୟପକ୍ଷେ ସ୍ନାନ ପରେ ହଳଦୀ ପାଣି ବି ଘରସାରା ଛିଞ୍ଚିଲେ ଘରେ ସକାରାତ୍ମକ ଊର୍ଜାର ପ୍ରଭାବ ବୃଦ୍ଧି ପାଇଥାଏ ବୋଲି କୁହାଯାଏ । ସେହିପରି ସ୍ନାନ ପରେ ଘରେ ଲୁଣପାଣି ବି ଛିଞ୍ଚିଲେ ଘରୁ ନକାରାତ୍ମକ ଊର୍ଜା ନଷ୍ଟ ହୋଇଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥା'ନ୍ତି । ସ୍ନାନ ପରେ ଘରେ ଯେଉଁ ରୋଷେଇ କରାଯାଏ, ସେଥିରୁ କିଛି ଗାଈଙ୍କୁ ଖାଇବାକୁ ଦେଲେ ଶୁଭ ହୋଇଥାଏ । ସୁଖସମୃଦ୍ଧି ବୃଦ୍ଧି କରିବାରେ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ ରହିଛି ।**

# ଧୈର୍ଯ୍ୟ ଓ ଏକାଗ୍ରତାର ଶେଷ ସଫଳତା

*ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।*



ସନ୍ଥଙ୍କ କୁଟୀରରେ ଜଣେ ବ୍ୟବସାୟୀ ପହଞ୍ଚିଲେ । ତାଙ୍କ ବ୍ୟବସାୟରେ କ୍ରମାଗତ କ୍ଷତି ହେଉଥିଲା । କ୍ଷତିର କାରଣ ଜାଣିବା ଏବଂ ସନ୍ଥଙ୍କ ଠାରୁ କିଛି ପରାମର୍ଶ ନେଇ ପୁଣି ନୂଆ ବ୍ୟବସାୟ ଆରମ୍ଭ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସନ୍ଥଙ୍କୁ ମୁଣ୍ଡିଆ ମାରି ବ୍ୟବସାୟୀ କହିଲେ- ଘରେ ମୋ'ର ବୁଢ଼ା ବାପା, ରୋଗିଣୀ ସ୍ତ୍ରୀ ଓ ପୁଅଟିଏ । ବ୍ୟବସାୟରୁ ଲାଭ ମିଳୁନି, କ୍ଷତି ବଢ଼ିଚାଲିଛି । ସମସ୍ତଙ୍କ ପେଟକୁ ଦାନା ଆଉ ପିଠିକୁ କନା ଯୋଗାଇବାକୁ ମୁଁ ଅକ୍ଷମ । କୃପା କରି କିଛି ଉପାୟ ବତାନ୍ତୁ; ନଚେତ୍ ମୋ' ସଂସାର ଭାସିଯିବ । ସନ୍ଥ ବ୍ୟବସାୟୀଙ୍କୁ ସାନ୍ତ୍ୱନାଦେଇ ତାଙ୍କ ବ୍ୟବସାୟ କହିଲେ- ଗଲା ବର୍ଷେ ହେଲା ତିନି ଚାରି ପ୍ରକାରର ବେପାର କଲେଣି । ଭଲ ଲାଭ ମିଳୁ ନ ଥିବାରୁ ବାରମ୍ବାର ବ୍ୟବସାୟ ବଦଳାଇବାକୁ ପଡୁଛି । ତଥାପି କିଛି ଲାଭ ହେଉନାହିଁ । ଏବେ ମୁଁ ଋଣୀ । ସନ୍ଥ କହିଲେ- ଏହାର ସମାଧାନ ଅତି ସହଜ । ମନ ଦେଇ ମୋ' କଥା ଶୁଣ । ଜଣେ ଚାଷୀ ନିଜ ଖେତ ମଝିରେ କୂଅଟିଏ ଖୋଳିବା ଆରମ୍ଭ କଲେ । କିଛି ଫୁଟ୍ ଖୋଳିବା ପରେ ପାଣି ବାହାରିଲା ନାହିଁ । ନିରୁତ୍ସାହିତ ହୋଇ ଅନ୍ୟତ୍ର ଖୋଳିଲେ । ସେଠାରେ ମଧ୍ୟ ଅବସ୍ଥା ତଦ୍ରୂପ । ଦୁଇ,ତିନି ଜାଗାରେ ଖୋଳି ନୟାନ୍ତ ହେଲେ । ଏଥର କୂଅ ଖୋଳିବା ଦାୟିତ୍ୱ ନେଲେ ଚାଷୀଙ୍କ ପତ୍ନୀ । ଗୋଟିଏ ସ୍ଥାନରେ ଗଭୀରରୁ ବହୁ ଗଭୀର ପର୍ଯ୍ୟନ୍ତ ଖୋଳାଇଲେ । ଦୁଇ, ଦିନ ମଧ୍ୟରେ ପାଣି ବାହାରିଲା । ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।

## ଶହୀଦ ସ୍ମୃତି ଭବନରେ 'ସାରିପୁତ୍ତ' ନାଟକ ମଞ୍ଚସ୍ଥ

ଭଦ୍ରକ,(ନିପ୍ର): ଶହୀଦ୍ ସ୍ମୃତି ଭବନ ଭଦ୍ରକ (ଟାଉନ ହଲ୍) ଠାରେ ମଞ୍ଚସ୍ଥ ହୋଇଯାଇଛି ନାଟକ "ସାରିପୁତ୍ତ" । ନାଟ୍ୟ ଗୌରବ ପ୍ର. ଡ. ଅଟଳ ବିହାରୀ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକକୁ ଉଦଘାଟନ କରିଥିଲେ ମଞ୍ଚନାଟକ ଜଗତର ପିତାମହ ଭୀଷ୍ମ, ଉଭୟ ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ଏକାଡେମୀ ପୁରସ୍କୃତ ବରିଷ୍ଠ ନାଟ୍ୟକାର ସୁଧାକର ନନ୍ଦ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସଂଗୀତ ଏକାଡେମୀ ପୁରସ୍କୃତ ଷାଠିଏ ରାତିର ମୋଗଲ ସମ୍ରାଟ ଶଙ୍କର ବସୁ ମଲ୍ଲିକ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ମହୋଦୟା ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଭୂ ଚନ୍ଦନ ଜେନା, ପରିଚାଳନା ନିର୍ଦ୍ଦେଶକ, କଲ୍ୟାଣୀ ଗ୍ରୁପ୍ ଏବଂ କମ୍ପାନୀଜ୍ । ନିର୍ଦ୍ଧାରିତ ସମୟ ସୀମା ଭିତରେ ସଭା ଶେଷ ହେବା ପରେ ନାଟକ "ସାରିପୁତ୍ତ" ଆରମ୍ଭ ହୋଇଥିଲା ୭: ୩୦ ମିନିଟରେ ଏବଂ ଶେଷ ହୋଇଥିଲା ୯ଟାରେ । ଭରପୁର ପ୍ରେକ୍ଷାଳୟରେ ମନୋରଞ୍ଜନର ମଜା ନେଇଥିଲେ ପ୍ରିୟ ଦର୍ଶକଦର୍ଶିକା ବୃନ୍ଦ । ପୁରୁଷ ଭୂମିକାରେ ଅଭିନୟ କରିଥିଲେ ସନ୍ତୋଷ, ଶଶାଙ୍କ, ଅରବିନ୍ଦ, ଜିତୁ, ନିର୍ମଳ, ଭବେଶ । ନାରୀ ଭୂମିକାରେ ରୁବି, ରେବା ଓ ଆରାଧା ଅତିଥି କଳାକାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ସଂଗୀତ ଓ ନାଟକ ଏକାଡେମୀ ପୁରସ୍କୃତ ଅଭିନେତା ବିଜୟ କୁମାର ବହଳୀ, ଗୌରାଙ୍ଗ ବାରିକ, ଡ. ସୁଦର୍ଶନ ବାରିକ, ଋତୁରାଜ ଅକ୍ଷୟ, ସୁନନ୍ଦ ଦାସ ।

## ଗ୍ରୀଷ୍ମ ପ୍ରବାହ ବଢିବା ସାଙ୍ଗକୁ ବଢୁଛି ଆଖୁରସର ଚାହିଦା



ବୁଗୁଡ଼ା,(ନିପ୍ର):ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢିବାରେ ଲାଗିଛି ।ଯାହା ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ବଞ୍ଚିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାରର ଥଣ୍ଡା ପାନୀୟ ଉପରେ ନିର୍ଭର କରୁଥିଲେ ମଧ ସେଥି ମଧରୁ ଆଖୁରସ ଚାହିଦା ବହୁଗୁଣିତ ହୋଇ ଯାଇଛି। ପ୍ରତ୍ୟେକ ଋତୁରେ ଆଖୁରସ ମିଳୁଥିଲେ ମଧ ଖରାଦିନେ ଏହାର ଚାହିଦା ଅଧିକ ବଢ଼ିଯାଏ। ଏବେ ବିଭିନ୍ନ ରାସ୍ତାକଡ଼ ଓ ଛକରେ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆଖୁ ରସ ବେପାର ବେଶ୍ ଜମିବା ସହିତ ଗ୍ରାହକମାନଙ୍କ ଭିଡ ମଧ ଜମୁଛି। ସମସ୍ତେ ଜାଣନ୍ତି, ଆଖୁ ରସ ମିଠା, କିନ୍ତୁ ସେଥିରେ ଯଦି ଧନିଆ ପତ୍ର, ଆମ୍ବକଷିଆ ଅଦା, ଲେମ୍ବୁ, ଲେମ୍ବୁପତ୍ର ଓ ଗୋଲମରିଚ ମିଶାଇ ଦିଆଯାଏ ତାହାର ବାସ୍ନା ଓ ସ୍ୱାଦ ଦ୍ୱିଗୁଣିତ ହୋଇଯାଏ। ଛୋଟ ଗ୍ଲାସ୍‌ର ଦାମ୍ ୧୦ଟଙ୍କା ରହିଥିବା ବେଳେ ବଡ଼ ଗ୍ଲାସ୍‌ର ଦାମ୍ ୨୦ ଟଙ୍କା ରହିଛି। ଏହି ଆଖୁରସ ପିଇବା ଦ୍ୱାରା ଗରମରୁ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ସହିତ ଶରୀରକୁ ଥଣ୍ଡା ରଖିଥାଏ। ଆଖୁ ରସ ପ୍ରାକୃତିକ ଓ ସ୍ୱାସ୍ଥ୍ୟକର ପାନୀୟ ଭାବେ ବାଛିଛନ୍ତି ବୋଲି ଆଖୁରସ ପିଉଥିବା ଲୋକମାନେ କହିଛନ୍ତି। ଏହି ପ୍ରାକୃତିକ ଆଖୁରସ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ସହିତ ଖଣିଜ ଲବଣର ଅଭାବ ପୂରଣ କରିବାରେ ସାହାଯ୍ୟ କରିଥାଏ। ଯାହା ଗରମ ଦିନରେ ଅତ୍ୟନ୍ତ ଜରୁରୀ।

## ଅର୍ଡାବାହାଲରେ ଗଭୀର ନଳକୂପ ଲୋକାର୍ପିତ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ଅର୍ଡାବାହାଲ ଠାରେ ଓଡ଼ିଶା ସରକାରଙ୍କ ଉଠାଜଳସେଚନ ନିଗମ ଦ୍ୱାରା ସ୍ଥାପିତ ଗଭୀର ନଳକୂପକୁ ସୋମବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଉଦଘାଟନ କରି ଲୋକାର୍ପଣ କରିଥିଲେ। ଆୟୋଜିତ ସାଧାରଣ ସଭାରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କହିଥିଲେ କୁଚିଣ୍ଡା ଉପଖଣ୍ଡରେ ଗତ ଡିସେମ୍ବର ମାସରୁ କାମ ଆରମ୍ଭ ହୋଇ ମୋଟ ୧୩୦୦ଟି ଗଭୀର ନଳକୂପ ଖୋଳାଯାଇଥିଲା। ତନ୍ମଧ୍ୟରୁ ୩୦୦ ଟି ବିଫଳ ହୋଇଥିବା ବେଳେ, ବାକି ୧୦୦୦ଟି ସଫଳ ହୋଇଛି। ସେଥିରୁ ୧୦୮ ଟିରେ ବିଦ୍ୟୁତ୍ ସଂଯୋଗ ସରିଥିବା ବେଳେ, ଅନ୍ୟ ଗୁଡିକ ଆସନ୍ତା ଜୁନ ମାସ ସୁଦ୍ଧା ବିଦ୍ୟୁତ ସଂଯୋଗ କାମ ସମ୍ପାଦନ କରାଯିବ ବୋଲି କହିଥିଲେ। ଏହାଛଡା ଏହି ଗଭୀର ନଳକୂପ ଦ୍ୱାରା କୃଷି ଓ କୃଷକଙ୍କ ଯଥେଷ୍ଟ ଉନ୍ନତି ହେବ। ଫଳରେ ଦେଶର ଅର୍ଥନୀତି ସୁଦୃଢ ହେବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗିନ୍ଦ୍ର କିଷାନ,ଏସପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ସମ୍ବଲପୁର ଉତ୍ତରାଞ୍ଚଳ ମଣ୍ଡଳର ଅଧିକ୍ଷଣ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସମ୍ବଲପୁର ଉଠାଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ, ଟ୍ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡର ଟିପି ରଞ୍ଜିତ ପ୍ରଧାନ, କୁଚିଣ୍ଡା ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ଓ୍ୱାଘ ପ୍ରମୁଖ ଉପସ୍ଥିତ ଥିଲେ।

## ଚଳିତ ବର୍ଷ ୧୦ ଲକ୍ଷ ତାଳ ମଞ୍ଜି ରୋପଣ ହେବ

କୃଷ୍ଣପ୍ରସାଦ,(ନି ପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନେଟ ଜିରୋ ପ୍ଲାନେଟ ଫାଉଣ୍ଡେସନ ତଥା ଗ୍ରୀନ ପାରିକୁଦ ସଂଗଠନର ଏକ ପ୍ରସ୍ତୁତି ବୈଠକ ଆବାହକ ଯୁବ ପରିବେଶବିତ ହିମାଂଶୁ ଶେଖର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ୫ବର୍ଷ ମଧରେ ୧ ଲକ୍ଷ ୪୦ ହଜାର ଚାରା ରୋପଣ କରାଯାଇଥିବା ବେଳେ ସେ ଗୁଡ଼ିକର ରାକ୍ଷଣା ବେକ୍ଷଣ ଓ ଆକଳନ ଦିଗରେ ସମୀକ୍ଷା କରାଯାଇଥିଲା । ଉପକୂଳ ଜିଲ୍ଲା ଏବଂ ବଜ୍ରପାତ ଜନିତ କ୍ଷୟକ୍ଷତି ଜିଲ୍ଲା ମାନଙ୍କରେ ଚଳିତ ବର୍ଷ ଫାଉଣ୍ଡେସନ ପକ୍ଷରୁ ୧୦ ଲକ୍ଷ ତାଳ ଗୋଟାମା ଲଗାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା । ୫ ଲକ୍ଷ ନିମ୍ବ ବୃକ୍ଷ ଚିଲିକା ମଧରେ ଥିବା କୁଦ ମାନଙ୍କରେ ଲଗାଇବାକୁ ସ୍ଥିର ହୋଇଥିଲା । ଭୁବନେଶ୍ୱରରେ ଛୋଟ ଛୋଟ ଘନ ଜଙ୍ଗଲ ତିଆରି କରାଯିବ ସେଥି ପାଇଁ ସ୍ଥାନ ଖୋଜା ଚାଲିଥିବା ଆବାହକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ୨୦୧୯ ମସିହା ଠାରୁ ୨୦୨୩ ମସିହା ମଧରେ ପାରିକୁଦ ଅଞ୍ଚଳ, ପୁରୀ ଠାରୁ ଭୁବନେଶ୍ୱର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ, ଭୁବନେଶ୍ୱର ଠାରୁ କଟକ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ୪୦ କେଜି ନିମ୍ବ ମଞ୍ଜି ପକାଯାଇଥିବା ଜଣାପଡିଛି । କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଝାରକଟା ଠାରୁ ମର୍ଦ୍ଦରାଜପୁର ପର୍ଯ୍ୟନ୍ତ ଚିଲିକା ରିଂ ବନ୍ଧରେ ଲାଗିଥିବା ୧ ହଜାରରୁ ଉର୍ଦ୍ଧ ନିମ୍ବ ବୃକ୍ଷ କାୟା ବିସ୍ତାର କରି ବଡ଼ ହେବାକୁ ଲାଗିଥିବା ଜଣାପଡିଛି । ଚଳିତ ବର୍ଷ ମୌସୁମୀ ଆଗମନ ପୂର୍ବରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିଲା। ଆୟୋଜିତ ବୈଠକରେ ବରିଷ୍ଠ ସଦସ୍ୟା ଅମିତା ତରେଇ, ଯୁବ ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା,ମୀନା ରାଣୀ ସାହୁ, ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଆଲୋଚନା କରିଥିଲେ । ଫାଉଣ୍ଡେସନ ସମ୍ପର୍କରେ ଅଧିକ ଜାଣିବା ପାଇଁ ନେଟ ଜିରୋ - ପ୍ଲାନେଟ. କମ୍‌ରେ ଯୋଗାଯୋଗ କରିବାକୁ ଆବାହକ ଶ୍ରୀ ନାୟକ ଅନୁରୋଧ କରିଛନ୍ତି ।

## ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ଜନଜୀବନ
## ଏନଏସି କାର୍ଯ୍ୟାଳୟ ନିକଟରେ ଥିବା ପାଇପ ଅଚଳ




କାଶୀନଗର(ନିପ୍ର): କାଶୀନଗର ସହରରେ ଆଜି ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇବା ହେତୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୧୦ ଘଣ୍ଟା ରୁ ତାପମାତ୍ରା ବୃଦ୍ଧି ପାଇଁ ୪୦ ଡିଗ୍ରୀ ସେଣ୍ଟିଗ୍ରେଡ଼ ପର୍ଯ୍ୟନ୍ତ ରହୁଛି। ଗ୍ରୀଷ୍ମ ପ୍ରବାହ ହେବା ସାଙ୍ଗକୁ ବାରମ୍ବାର ବିଦ୍ୟୁତ କାଟ ସାଙ୍ଗକୁ ଗୁଳିଗୁଳି ଲୋକେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଏନ ଏ ସି ତରଫରୁ ଜଳ ଛତ୍ର ଛକ ସ୍ଥାନମାନଙ୍କରେ ଖୋଲା ହୋଇଥିଲେ ସୁଦ୍ଧା ଖୋଦ ଏନ ଏ ସି କାର୍ଯାଳୟ ଠାରେ ଥିବା ପାନୀୟ ଜଳ ପାଇପ କିଛି ଦିନ ହେଲା ଅଚଳ ହୋଇ ପଡି ଥିବାରୁ କାର୍ଯ୍ୟାଳୟକୁ ଆସିବା ଲୋକ ମାନେ ପାଣି ପାଇଁ ହନ୍ତସନ୍ତ ହେଉଥିବା ଦୃଷ୍ଟିକୁ ଆସିଛି। ଖୁବ ଶୀଘ୍ର ଏହି ସମସ୍ୟା ର ସାମଧାନ ପାଇଁ ସାଧାରଣରେ ଦାବୀ ରହୁଛି।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଅଭିଯୋଗ

ହିଞ୍ଜିଳିକାଟୁ(ନିପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ମକରଝୋଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡଙ୍ଗୀ ଅଧକ୍ଷତାରେ ଆୟୋଜିତ ଶିବିରରେ ସରପଞ୍ଚ ଗଣପତି ସାହୁ, ସମିତିସଭ୍ୟ ଜି. ମୋହନ ତହସିଲଦାର ତପନ କୁମାର ମହାପାତ୍ର, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢି, ଏବିଡିଓ ଅରୁଣ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି. ରବି କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ରାସନ୍ କାର୍ଡ, ଗ୍ରାମୀଣ ଆବାସ, ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟ ଭତ୍ତା, ରାଜସ୍ୱ, ମନରେଗା ,ବିଦ୍ୟୁତ ଓ ସୁଭଦ୍ରା ଆଦି ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୨୭ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ଗ୍ରାମୀଣ ଆବାସ ୧୦, ରାସନ୍ କାର୍ଡ ୬ଟି, ଏମନରେଗା ୬ଟି, ଉନ୍ନୟନ କାର୍ଯ୍ୟରେ ୨ଟି, କୃଷି ଓ ରାଜସ୍ୱ ବିଭାଗର ଗୋଟିଏ ଲେଖାଏଁ ଅଭିଯୋଗ ଦାଖଲ ହୋଇଥିଲା। ଗୋଷ୍ଠୀଗତ ୩ଟି ଓ ବ୍ୟକ୍ତିଗତ ୨୪ ଟି ଅଭିଯୋଗ ଦାଖଲ ହୋଇଥିଲା। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ତାମିଲନାଡୁରେ ଓଡ଼ିଆ ବେଦବିତ୍ ସମ୍ବର୍ଦ୍ଧିତ
### ସଂସ୍କୃତ ମହୋତ୍ସବରେ ଚମକିଲେ ସୂର୍ଯ୍ୟନାରାୟଣ



ନିରାକାରପୁର,(ନିପ୍ର): ତାମିଲନାଡୁର ଚେଙ୍ଗଲପଟ୍ଟୁ ଜିଲ୍ଲା ଅନ୍ତର୍ଗତ ଆର୍ତ୍ତୁଠାରେ ଓଡ଼ିଆ ବେଦବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଚତୁର୍ବେଦ ବିଦ୍ୟା ଗଣପତି ବେଦ ଶାସ୍ତ୍ର ମହା ବିଦ୍ୟାସ୍ଥାନ ପକ୍ଷରୁ ଆୟୋଜିତ ୧୪ଶ ବାର୍ଷିକ ଉତ୍ସବ ଓ ୭ମ ସଂସ୍କୃତ ମହୋତ୍ସବରେ ଦିବ୍ୟସିଂହପୁରର କୁନି ବେଦବିତ୍ ସୂର୍ଯ୍ୟନାରାୟଣ ପଣ୍ଡା ନିଜର ପ୍ରତିଭା ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ।ଏହି ମହୋତ୍ସବରେ ଗୁଲ୍ଲପଲ୍ଲି ଶ୍ରୀନିବାସ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶ୍ରୀରଙ୍ଗନ୍ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଉ କାମକୋଟି, ପ୍ରଧାନ ଆଚାର୍ଯ୍ୟ ଜେ. କୁମାର ଗୁରୁ ଘନପାଠି, ଏମ୍. ଜେ. ମନୋଜ ଘନପାଠି ଏବଂ ମୂକାମ୍ବିକାଇ ଧଶନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜ୍ୟୋସ୍ନା କୁମାର ଗୁରୁ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଭିଜ୍ଞ ବୈଦିକଙ୍କ ଗହଣରେ ଓଡ଼ିଶାର କୁନି ବେଦବିତ୍ ସୂର୍ଯ୍ୟନାରାୟଣ ପଣ୍ଡା ଉଚ୍ଚକୋଟୀର ବେଦ ପାଠ ଓ ବକ୍ତୃତା ପ୍ରଦାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତାଙ୍କର ଏହି ଅସାଧାରଣ ପାରଦର୍ଶିତା ପାଇଁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ସୂର୍ଯ୍ୟନାରାୟଣଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହି କାର୍ଯ୍ୟକ୍ରମ ବୈଦିକ ଶିକ୍ଷା ଓ ସଂସ୍କୃତ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି।

## ଜନଗଣନା କାର୍ଯ୍ୟରେ ନିୟୋଜିତ ଗଣନାକାରୀମାନଙ୍କ ମନୋବଳ ବୃଦ୍ଧି କଲେ ଜିଲ୍ଲାପାଳ

କଟକ(ନିପ୍ର) : ୨୦୨୭ ଜନଗଣନାକୁ ସୁଚାରୂ ରୂପେ ତଥା ସଫଳତାର ସହ ସମ୍ପନ୍ନ କରିବା ନିମନ୍ତେ ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲାରେ ନିୟୋଜିତ ଗଣନାକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଗଣନାକାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଗୋଟିଏ ଲେଖାଏଁ ଟୋପି ପ୍ରଦାନ କରିଛନ୍ତି । ଏଥିସହ ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓଆରଏସ୍ ପ୍ୟାକେଟ ମହଜୁଦ ରଖାଯାଇଥିବା ବିଷୟରେ ଅବଗତ କରାଇଛନ୍ତି । ଜନଗଣନା ସମୟରେ ଆବଶ୍ୟକ ପଡିଲେ ଗଣନାକାରୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରୁ ଓଆରଏସ୍ ପ୍ୟାକେଟ୍ ନେଇପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଜନଗଣନା ଦେଶର ଯୋଜନାମୂଳକ ଉନ୍ନତି ପାଇଁ ମୂଳ ତଥ୍ୟ ଯୋଗାଇଥାଏ, ଯାହା ଉପରେ ଦେଶର ନୀତି ନିର୍ଦ୍ଧାରଣ କରାଯାଇଥାଏ । ଏଭଳି ଏକ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିବାରୁ ଜିଲ୍ଲାପାଳ ଗଣନାକାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରଶଂସା କରିବା ସହ ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଜନଗଣନାର ଗୁରୁତ୍ୱ ସମ୍ବନ୍ଧରେ ସାଧାରଣ ଲୋକଙ୍କୁ ସଚେତନ କରିବା ଏବଂ ଏହି କାର୍ଯ୍ୟରେ ସେମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ବନ୍ଧରେ ଅବଗତ କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ କମଳଜିତ୍ ଦାସ, ଡେପୁଟି କଲେକ୍ଟର ନୁରୀ ପରବିନ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋ ସମ୍ମାନ ଆହ୍ୱାନ ପାଇଁ ଦାବିପତ୍ର ପ୍ରଦାନ



କାଶୀନଗର(ନିପ୍ର): ଆଜି ଗୋ ସମ୍ମାନ ଦିବସ ଅବସରରେ ବିଶ୍ୱ ହିନ୍ଦୁ ପରିଷଦ ଗୋ ସୁରକ୍ଷା ଅଭିଯାନ ତରଫରୁ ଗୋ ସମ୍ମାନ, ଗୋ ମାତାଙ୍କ ସୁରକ୍ଷା ଓ ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ ନିମନ୍ତେ ଆଇନ ପ୍ରଣୟନ ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦଙ୍କୁ ସ୍ଥାନୀୟ ଗୋ ସୁରକ୍ଷା ମଞ୍ଚ ତରଫରୁ ଏକ ଦାବିପତ୍ର ଦେଇ ଗୋ ସୁରକ୍ଷାକୁ ଆହୁରି ଅଧିକ ଧ୍ୟାନ ଦେବା ପାଇଁ ସ୍ଥାନୀୟ ପ୍ରଶାସନ ଦାବୀ କରିଛନ୍ତି। ଗୋ ହତ୍ୟାକୁ ସମ୍ପୂର୍ଣ ଭାବେ ସମାପ୍ତ କରିବା ପାଇଁ ଏକ ଗୋ ପରିକ୍ରମା ସଂକୀର୍ତନ ସହ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଛକ ଠାରୁ ଗୋ ସମ୍ବର୍ଦ୍ଧନା ରାଲି ବାହାର କରାଯାଇଥିଲା। ସନ୍ଥ ଗୁରୁ ସ୍ୱାମୀଙ୍କ ନେତୃତ୍ୱ ରେ ସ୍ଥାନୀୟ ବି ଜେପି କର୍ମୀ କେ ବିଜୟ କୁମାର, ପ୍ରବୀଣ କୁମାର, ହରିବାବୁ, କେ ରାମା ରାଓ, କ୍ରିଷ୍ଣା ରାଓ, ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା।

## ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ସଚେତନତା ଶିବିର

ପୁରୀ(ନିପ୍ର): ଜିଲ୍ଲା ସ୍ତରୀୟ ଅକ୍ଷୟତୃତୀୟା ଅବସରରେ ବାଲ୍ୟ ବିବାହ ନିଷେଧ ପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷ, ପୁରୀ ଠାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ତନୁପ୍ରଭା ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବିକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ତଥା ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅକ୍ଷୟତୃତୀୟା ଅବସରରେ ଯେପରି ବାଲ୍ୟ ବିବାହ ନ ହୁଏ , ସେଥିପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ର ସ୍ତରରେ କରିବାକୁ ପରାମର୍ଶ ଦିଆଗଲା ଓ ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ



ବ୍ଲକସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିକାରୀ , ଗ୍ରାମର ମୁଖ୍ୟ , ଓ୍ୱାର୍ଡ ମେମ୍ବର, ଧର୍ମଯାଜକ, ମନ୍ଦିର ପୂଜକ ମାନଙ୍କୁ ସାମିଲ କରିବା ପାଇଁ ଆଲୋଚନା କରାଗଲା।

## ମଙ୍ଗଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
### ସତ୍ୟଜିତ ଓ ଶୁଭଶ୍ରୀଙ୍କ ସଂଗୀତରେ ଝୁମିଲେ ଦର୍ଶକ



କାକଟପୁର (ନିପ୍ର): କାକଟପୁର ଠାରେ ଆୟୋଜିତ ମଙ୍ଗଳାମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଥିଲା ବେଶ ଆକର୍ଷଣ ଓ ଚିତାକର୍ଷକ । ଏହି ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓ ଓଡିଶୀ ସାଙ୍ଗକୁ ମୟୁର ନୃତ୍ୟ, ରାଜସ୍ଥାନୀ ଲୋକନୃତ୍ୟ ପ୍ରାରମ୍ଭିକ ପର୍ଯ୍ୟାୟ ରେ ଦର୍ଶକ ଙ୍କୁ ବେଶ ଆମୋଦପ୍ରମୋଦ ର ଖୋରାକ ଯୋଗାଇଥିଲା । ଏହି କାର୍ଯ୍ୟକ୍ରମ ର ଦ୍ୱିତୀୟ ସନ୍ଧ୍ୟା ରେ ଅତିଥି ଭାବେ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର, ବିଶିଷ୍ଟ ଶିକ୍ଷାବିତ ଲେଖାଶ୍ରୀ ସାମନ୍ତସିଂହାର,ପ୍ରମୁଖ ୧୫ତମ ମଙ୍ଗଳା ମହୋତ୍ସବ କୁ ଭୁରି ଭୁରି ପ୍ରଶଂସା କରିଥିଲେ । ଉତ୍ସବ ରେ ସ୍ଥାନୀୟ ବିଧାୟକ ତୁଷାର କାନ୍ତି ବେହେରା ସଭାପତିତ୍ୱ କରିଥିବା ବେଳେ, ସମ୍ପାଦକ ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଯୁଗ୍ମସମ୍ପାଦକ ଭାବେ ଶ୍ରୀଧର ନାୟକ ଯୋଗଦେଇ ମଙ୍ଗଳାମହୋତ୍ସବ କୁ ସରକାରୀ ଭାବେ ଆୟୋଜନ କରିବାକୁ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ପରେ ଯାତ୍ରା କମେଡିଆନ ଭିକାରି ଙ୍କ ଯାତ୍ରା ସଂଳାପ ମହୋତ୍ସବ କୁ ଋଦ୍ଧିମନ୍ତ କରିଥିଲା । ଆୟୋଜକ କମିଟି ତରଫରୁ ଭିକାରି ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସତ୍ୟଜିତ ଜେନା ଓ ଶୁଭଶ୍ରୀ ଜେନା ଙ୍କ ସୁଲଳିତ କଣ୍ଠ ସ୍ୱର ଦର୍ଶକଙ୍କୁ ବେଶ ବାନ୍ଧିରଖିଥିଲା। ଉପସ୍ଥାପିକା ଅଭିଲିପ୍ସା ପଣ୍ଡା ଓ ପ୍ରତାପ ରାଉତ ମଞ୍ଚ ପରିଚାଳନା କରିଥିଲେ । ଏହି ମହୋତ୍ସବ ଉଦଯାପନୀ ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହୋତ୍ସବ ର ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଅଛି ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଆଳି(ନିପ୍ର): ଆଳି ବ୍ଲକଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଆଜିର ଶିବିରରେ ମୋଟ ୬୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୮ ଟି ବ୍ୟକ୍ତିଗତ ଏବଂ ୧୫ ଟି ସାମୂହିକ । ତଦ୍‌ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ , ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯେ, ଆଳି ବ୍ଲକରେ ଗତ ୨ ଫେବୃଆରୀରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ ଟି ଅଭିଯୋଗର ସମାଧାନ ହୋଇସାରିଛି।

## ଗୋ ସୁରକ୍ଷା ଓ ଗୋ ସମ୍ବର୍ଦ୍ଧନ ନିମନ୍ତେ ରାଜ୍ୟପାଳଙ୍କୁ ଦାବିପତ୍ର



ଗୁଣୁପୁର(ନିପ୍ର): ସମଗ୍ର ଭାରତ ବର୍ଷରେ ସାଧୁ ସନ୍ଥଙ୍କ ଦ୍ୱାରା ଚାଲିଥିବା ଗୋ ସମ୍ମାନ ଅଭିଯାନରେ ଗୁଣପୁର ତହସିଲ ବାସିନ୍ଦା ମଧ ସାମିଲ ହୋଇ ଆଜି ଏକକାଳୀନ ଭାବେ ସମସ୍ତ ତହସିଲରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଗୋ ସୁରକ୍ଷା, ସୁରକ୍ଷିତ ଗୋ ଶାଳା ନିର୍ମାଣ, ଗୋ ମାତାକୁ ରାଷ୍ଟ୍ର ମାତା ଭାବେ ଘୋଷଣା ଦାବୀ କରି ସ୍ମାରକ ପତ୍ର ଦିଆଯାଉଥିବା ଏହି ଅବସରରେ ଗୁଣପୁର ତହସିଲର ମଧ ଶତାଧିକ ଦସ୍ତଖତ ଥିବା ସ୍ମାରକ ପତ୍ର ସ୍ଥାନୀୟ ଅତିରିକ୍ତ ତହସିଲଦାର ଅଭିନାଶ ଶତପଥୀଙ୍କ ଜରିଆରେ ପ୍ରଦାନ କରାଯାଇଛି । ସ୍ଥାନୀୟ ବାସିନ୍ଦା ପଣ୍ଡିତ ଚନ୍ଦନ ମହାପାତ୍ର, ଯୁବ ନେତା ରାମ ପଣ୍ଡା, କାଉନସିଲର ଶ୍ୱି ପାଢ଼ୀ, ସମାଜ ସେବୀ ଉମା ଦାଶ, ଯୁବ ଉଦ୍ୟୋଗି ବି ରବି କୁମାର, ଶ୍ୱି ରାମ ଡାକୁଆ ପ୍ରମୁଖ ଉପସ୍ଥିତ ରହି ତହସିଲଦାରଙ୍କ ଜରିଆରେ ରାଜ୍ୟପାଳ ଙ୍କ ନିକଟକୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

## କେନ୍ଦ୍ରାପଡ଼ାରେ ଖୋଲିଲା ନୂତନ ହିରୋ ଶୋରୁମ

କେନ୍ଦ୍ରାପଡ଼ା (ନିପ୍ର): ଆଜି କେନ୍ଦ୍ରାପଡ଼ା ସହରରେ ଶୁଭାରମ୍ଭ ହେଲା ଜେଏମଜି କାମ୍ପାନୀ ର ନୂତନ ହିରୋ ଡିଲର ଶୋରୁମ ଓ ମ୍ୟାନେଜିଙ୍ଗ ଡାଇରେକ୍ଟ ପ୍ରଦୀପ ଅଗ୍ରୱାଲ ଏବଂ ଇଷ୍ଟ ଜୋନ ମ୍ୟାନେଜିଙ୍ଗ ଡାଇରେକ୍ଟର ଲକ୍ଷ୍ମୀ ସେହେତଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଯାଇଛି । ଜେଏମଜି କମ୍ପାନୀ ର ନୂତନ ହିରୋ ଡିଲର ଶୋରୁମ ଓ କଟକ ଜିଲ୍ଲା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବର୍ତ୍ତମାନ ସୁଦ୍ଧା ୨୦୦ ରୁ ଉର୍ଦ୍ଧ ଗାଡ଼ି ବିକ୍ରି ହୋଇସାରିଛି । କେନ୍ଦ୍ରାପଡ଼ାରେ ହିରୋ ଡିଲରସିପ ଖୋଲାଯାଇଛି ଯାହା କଷ୍ଟମର ମାନଙ୍କ ପାଇଁ ପେୟାର ପାର୍ଟ୍ସ ଏବଂ ଅନ୍ୟାନ ସୁବିଧା ଯୋଗାଇ ଦିଆଯିବ। ଜିଲ୍ଲାରେ ଏହା ସର୍ବ ବୃହତ ହିରୋ ଶୋରୁମ ହୋଇଥିବା ବେଳେ ଆଗାମୀ ସମୟରେ ଜିଲ୍ଲା ବାସି ଏବଂ ସହରବାସିଙ୍କ ମନ ଜିଣିବା ସହ ଶବୁ ପ୍ରକାର ଏବଂ ଶବୁ ମଡେଲ ଗାଡ଼ି ଉପଲବ୍ଧ ରହିବ। ସମସ୍ତ ପ୍ରକାର କଷ୍ଟମର ସୁବିଧା ଯୋଗାଇଦିଆଯିବ ବୋଲି ମ୍ୟାନେଜିଙ୍ଗ ଡାଇରେକ୍ଟ ପ୍ରଦୀପ ଅଗ୍ରୱାଲ କହିଥିଲେ।

## କାମରେ ଲାଗୁନି ଗୋଷ୍ଠୀ ଶୌଚାଳୟ ଓ ପରିସ୍ରାଗାର

ଭାପୁର,(ନିପ୍ର): ଭାପୁର ବ୍ଲକ ସଦର ମହକୁମା ବଜ଼ାର ଉପରେ ଗୋଷ୍ଠୀ ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ ହେବା ପର ଠାରୁ ଜନସାଧାରଣଙ୍କ କାର୍ଯ୍ୟରେ ଆସୁନଥିବା ନେଇ ଅଭିଯୋଗ ହୋଇଛି। ଜନଗହଳିପୂର୍ଣ୍ଣ ଭାପୁର ବଜ଼ାର ଉପରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍ୱାସ୍ଥ୍ୟକେନ୍ଦ୍ର, ଦୋକାନ ଆଦି ରହିଥିବାରୁ ଦୈନିକ ଶହ ଶହ ସଂଖ୍ୟାରେ ବିଭିନ୍ନ ୨୦ ଗୋଟି ପଞ୍ଚାୟତରୁ ଜନସାଧାରଣଙ୍କ ଆଗମନ ହୋଇଥାଏ। ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ, ଭାପୁର ବଜ଼ାର କମିଟି ତରଫରୁ ବଜ଼ାର ମଧ୍ୟସ୍ଥଳରେ ଦୁଇ ଗୋଟି (ପୁରୁଷ ଓ ମହିଳା ) ପରିସ୍ରାଗାର ଓ ଶୌଚାଳୟ ୪ବର୍ଷ ହେଲା ନିର୍ମାଣ କରାଗଲା କିନ୍ତୁ, ତାହା ଆଜି ପର୍ଯ୍ୟନ୍ତ କାମରେ ଆସୁନାହିଁ। ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇସୁଦ୍ଧା ଜନସାଧାରଣ ପରିସ୍ରା କରିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ରାଗାର ସାମନାରେ ଉଠା ପରିବା ବେପାରୀମାନେ ବସୁଥିବାରୁ ଜନସାଧାରଣଙ୍କୁ ପରିସ୍ରା ଲାଗିଲେ କେଉଁ ଗଳିକନ୍ଦି ଅଥବା ୫୦୦ମିଟର ଦୂର ଅଟୋଷ୍ଟାଣ୍ଡର ଜଗନ୍ନାଥଙ୍କ ମନ୍ଦିର ସାମନାରେ ପରିସ୍ରା ପାଇଁ ଆସୁଛନ୍ତି। ଏହି ପରିସ୍ରାଗାରର ଯତ୍ନ ଅଭାବରୁ କବାଟ ଭାଙ୍ଗିରୁଜି ଯିବା ସହିତ ପାଇପ ପାଣି ଆସୁନାହିଁ। ତେଣୁ, ବ୍ଲକ ପ୍ରଶାସନ ଭାପୁର ବଜାର ଉପକଣ୍ଠରେ ଏକ ସୁଲଭ ଶୌଚାଳୟ ନିର୍ମାଣ ପାଇଁ ଶିକ୍ଷାବିତ୍ ଓ ବୁଦ୍ଧିଜୀବି ମାନେ ଦାବି କରିଛନ୍ତି।

ତିଥି :(ଦ୍ୱାଦଶୀ): (ଉତ୍ତରାଫାଃ କନ୍ୟା)
ଅମୃତ ବେଳା: ଦିବା ଘ ୭।୪୭ ଗତେ ଘ ୧୦।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ପୃଥାନନ୍ଦନ ! ଯେତେବେଳେ ସାଧକ ମନୋଗତ ସମସ୍ତ କାମନାକୁ ପୂର୍ଣ୍ଣରୂପେ ତ୍ୟାଗ କରିଦିଏ ଏବଂ ନିଜ ଦ୍ୱାରା ନିଜ ଠାରେ ସନ୍ତୁଷ୍ଟ ରହେ, ସେତେବେଳେ ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ।

- ଶ୍ରୀମଦ୍ ଭଗବଦ୍ ଗୀତା

## ସୁଧୁରିବା ଭଲ

ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ପ୍ରତି ସଦ୍ୟ ଆକ୍ରମଣ ଘଟଣା, ଗତ ଦୁଇ ବର୍ଷ ମଧ୍ୟରେ ତୃତୀୟ ବାର ଥିଲା। ଘଟଣାର ପରଦିନ ସେ ତାଙ୍କ ଟ୍ରୁଥ୍ ସୋସିଆଲ ପ୍ଲାଟଫର୍ମରେ ଯାହା ଉଲ୍ଲେଖ କରିଛନ୍ତି ତାହାର ନିର୍ଯାସ ଏହି ଯେ ହୋଟେଲରେ ବଲ୍‌ରୁମ୍ ନୁହେଁ, ବରଂ ଏହା ହ୍ୱାଇଟ୍ ହାଉସରେ ଏଣିକି ନିର୍ମାଣ ହେଉ। ସାମରିକ, ସିକ୍ରେଟ ସର୍ଭିସ୍, ଆଇନ ପ୍ରବର୍ତ୍ତନ ପ୍ରଭୃତି ସଂସ୍ଥାର ବହୁବିଧତା ଦୃଷ୍ଟିରୁ ଗତ ଦେଢଶହ ବର୍ଷ ମଧ୍ୟରେ ପ୍ରତି ରାଷ୍ଟ୍ରପତିଙ୍କ ବଲ୍‌ରୁମ୍ ବୃହତ୍, ନିରାପଦ ତଥା ସୁରକ୍ଷିତ ରହିବା ଆବଶ୍ୟକ। ଟ୍ରମ୍ପଙ୍କ ଏହି ଉଲ୍ଲେଖ ମଧ୍ୟରେ ଯେଉଁ ଦେଢଶହ ବର୍ଷର କଥା ସୂଚନା ଦେଇଛନ୍ତି ତାହା ପରୋକ୍ଷରେ ଆମେରିକା ରାଷ୍ଟ୍ରପତିଙ୍କ ଗତାନୁଗତିକ ସୁରକ୍ଷା ପ୍ରତି ଆହ୍ୱାନକୁ ହିଁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଯାହା ମନେ ହୁଏ ଟ୍ରମ୍ପଙ୍କ ସଦ୍ୟ କାଳ ମଧ୍ୟରେ ଏ ବାବଦେ ଧ୍ୟାନ ଦେଇ ତୁରନ୍ତ ଏପରି ବଲ୍‌ରୁମ୍ ନିର୍ମାଣ ପ୍ରତି ନିଜେ ଯତ୍ନଶୀଳ ହେବେ। ପ୍ରତି ରାଷ୍ଟ୍ରର ରାଷ୍ଟ୍ରପତିଙ୍କ ସୁରକ୍ଷା ସର୍ବାଗ୍ରେ। ତାଙ୍କର ସମ୍ମାନ, ମର୍ଯାଦା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ଅବା ସମାଲୋଚିତ ହୁଏ ତାଙ୍କ କାର୍ଯ୍ୟ ପଦ୍ଧତି ଜରିଆରେ। ଟ୍ରମ୍ପଙ୍କ କ୍ଷେତ୍ରରେ ଏହା କେତେ ସମ୍ମାନ ବା ପ୍ରଶଂସା ସାଉଁଟି ଆଣିଛି ସେ ସଂପର୍କରେ ବଖାଣିବାର କୌଣସି ଆବଶ୍ୟକତା ନାହିଁ।

ଶନିବାର ସନ୍ଧ୍ୟାରେ ଘଟିଥିବା ଡିନର୍ ବୈଠକରେ ଯେଉଁ ଗୁଳିକାଣ୍ଡ ଘଟିଲା ତାହା ଏହି ରାଷ୍ଟ୍ରର ରାଷ୍ଟ୍ରପତିଙ୍କ ସୁରକ୍ଷା କେତେ ବିପନ୍ନ ତାହାକୁ ଭୟଙ୍କର ଭାବରେ ଇଙ୍ଗିତ କରେ। ତେବେ ଟ୍ରମ୍ପ ଘଟଣାର ପରଦିନ ଏକ ସାକ୍ଷାତକାରରେ କହିଛନ୍ତି , ଘଟଣା ନେଇ ସେ ଆଦୌ ଚିନ୍ତିତ ନୁହନ୍ତି, ବରଂ ସେ ଜୀବନ କ'ଣ ତାହା ବୁଝନ୍ତି। ପୁଣି ତାଙ୍କ କହିବାନୁଯାୟୀ ଆମେ ଏକ ପାଗଳ ଦୁନିଆ (କ୍ରେଜି ୱାର୍ଲଡ)ରେ ବଞ୍ଚିଛୁ। ଟ୍ରମ୍ପଙ୍କ ଏହି ବାକ୍ୟଗୁଡ଼ିକ ପରସ୍ପର ତାଙ୍କ ଜୀବାନାଦର୍ଶ ମୁତାବକ ବିରୋଧୀ ବୋଲି କୁହାଯାଇପାରେ। କାରଣ ଜୀବନ କ'ଣ ଯଦି ବୁଝୁଥାନ୍ତେ ତେବେ ନାନା କାରଣ ଦର୍ଶାଇ ଇରାନ ଉପରେ ଆକ୍ରମଣ କରିବାକୁ ସେ ଉଚିତ ମନେ କରିନଥାନ୍ତେ। ଏହା ଜଣାଶୁଣା ଯେ ଇରାନ ଉପରେ ଆକ୍ରମଣର ପ୍ରଧାନ ଉଦ୍ଦେଶ୍ୟ ଏହି ତୈଳସଂପଦ ସମୃଦ୍ଧ ରାଷ୍ଟ୍ରର ତୈଳ ସଂପଦକୁ କଳେ ବଳେ ହାତେଇବା। ଏହି ସାର୍ବଭୌମ ରାଷ୍ଟ୍ର ଉପରେ ଆକ୍ରମଣ କରିବା ପରଠାରୁ ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇସାରିଛି। ବିଭିନ୍ନ ରାଷ୍ଟ୍ର ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ସବୁଠୁ ସଂକଟର କାରଣ ସାଜିଛି ତୈଳ ଓ ରନ୍ଧନ ଗ୍ୟାସର ଅଭାବ। ଜୀବନ ବୁଝୁଥିବା ଲୋକେ ଜୀବନକୁ ଭଲ ପାଆନ୍ତି। ଅର୍ଥାତ୍, ମଣିଷପଣିଆ ତଥା ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାୟବସ୍ଥାନ ଉପରେ ନିଶ୍ଚୟ ଏପରି ଭାବାପନ୍ନ ବ୍ୟକ୍ତି ଗୁରୁତ୍ୱ ଦେଇଥାନ୍ତି। ପାଗଳ ଦୁନିଆରେ ବଞ୍ଚିଛୁ ବୋଲି ଟ୍ରମ୍ପ ଯାହା କହିଛନ୍ତି ତାହା ହେଉଛି ଦୁନିଆକୁ ସେ ଯେପରି ଦୃଷ୍ଟିଭଙ୍ଗୀରେ ଦେଖନ୍ତି ବା ଦେଖି ଆସିଛନ୍ତି ତାହା ହିଁ ସାକ୍ଷାତକାରରେ ପ୍ରତିଫଳିତ ହୋଇଛି।

ଡିନର୍ ବୈଠକ ଗୁଳିକାଣ୍ଡର ମୁଖ୍ୟ ଅଭିଯୁକ୍ତ ୩୧ ବର୍ଷୀୟ କୋଲେ ଟୋମାସ୍ ଆଲେନ୍ ଯାହାଙ୍କୁ ସନ୍ଦିଗ୍ଧ ବୋଲି କୁହାଯାଉଛି ଆମେରିକାର ସିକ୍ରେଟ ସର୍ଭିସ ଅବା ଅନ୍ୟ କୌଣସି ସଂସ୍ଥା ପ୍ରତ୍ୟକ୍ଷ ଭାବରେ ଏହି ବ୍ୟକ୍ତିଙ୍କ ନାମ ଘୋଷଣା କରିନାହାନ୍ତି। ତେବେ ଆକ୍ରମଣକାରୀ ଜଣଙ୍କ ଘଟଣା ଘଟାଇବା ପୂର୍ବରୁ ନିଜ ଘରକୁ ଏକ ମେସେଜ୍ ପଠାଇଥିଲେ। ଯେଉଁ ମେସେଜରେ ସେ କାହାରି ନାମ ଉଲ୍ଲେଖ କରିନଥିଲେ। କିନ୍ତୁ ଉଲ୍ଲେଖ କରିଥିଲେ 'ପ୍ରତାରକ' ଶବ୍ଦ। ହୁଏତ ଏହା ସେ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ଲେଖିଥାଇପାରନ୍ତି। ହୁଏତ ଏହି ଶବ୍ଦ ତାଙ୍କୁ ଗୁଳିକାଣ୍ଡ ଘଟାଇବାକୁ ପ୍ରରୋଚିତ କରିଥାଇପାରେ। ଉଲ୍ଲେଖ କରାଯାଇପାରେ ଯେ ଆମେରିକାରେ ଏକାଧିକବାର 'ନୋ କିଙ୍ଗସ' ଆନ୍ଦୋଳନ ଟ୍ରମ୍ପଙ୍କ ବିରୋଧରେ ହୋଇଆସିଛି। 'ପ୍ରତାରକ' ଉଲ୍ଲେଖ ହେଉ ଅବା 'ନୋ କିଙ୍ଗସ' ଆନ୍ଦୋଳନ ଟ୍ରମ୍ପଙ୍କ ଭାବମୂର୍ତ୍ତି ପ୍ରତି ଆଦୌ ଶୁଭଙ୍କର ନୁହେଁ ବୋଲି ଯେ କେହି ସଚେତନ କହିବାରେ କୁଣ୍ଠିତ ହେବେ ନାହିଁ।

କେବଳ ପଶ୍ଚିମ ଏସିଆ ନୁହେଁ, ନିଜ ଦେଶ ଆମେରିକାରେ ତୈଳ ମୂଲ୍ୟ ବୃଦ୍ଧି ଘଟିବା ହେଉ, ଅବା ଅର୍ଥନୈତିକ ଅସ୍ଥିରତା ସୃଷ୍ଟି ହେବା ହେଉ, ଏସବୁ ଟ୍ରମ୍ପଙ୍କ ପ୍ରଶାସନ ପ୍ରତି ଅସନ୍ତୋଷର ପ୍ରତିଫଳନ କିଭଳି ବଢୁଛି ତାହାକୁ ଦର୍ଶାଏ। ହର୍ମୁଜ ଅବରୋଧ ଓ ଏହାକୁ ନେଇ ବିବାଦକୁ କୂଟନୈତିକ ସ୍ତରରେ ସମାଧାନ କରାଇବା ଅପେକ୍ଷା ଯୁଦ୍ଧ ମାଧ୍ୟମରେ ସମାଧାନ ଲାଗି ଅପପ୍ରୟାସରୁ ଯାହା ଜଣାଯାଉଛି ତାହାର ଲକ୍ଷ୍ୟପ୍ରାପ୍ତି ଆଶା କ୍ଷୀଣ। ଖୋଦ୍ ଆମେରିକାର ୫୮ ପ୍ରତିଶତ ଜନସଂଖ୍ୟା ଟ୍ରମ୍ପଙ୍କ ପ୍ରତି ଅସନ୍ତୋଷ ଜାହିର କରୁଥିବାରୁ ଏନେଇ ନିଜେ ସେ ଆତ୍ମସମୀକ୍ଷା ଯଥାର୍ଥ ଭାବରେ କରିପାରିଲେ ବୁଦ୍ଧିମତ୍ତାର କାର୍ଯ୍ୟ ହେବ। ଅନ୍ୟଥା ତାଙ୍କର ଜୀବନ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ପରିଣତି ଘଟିବା କିଛି ବିଚିତ୍ର ନୁହେଁ।

## ଘାଇଯାକ ମୁକୁଳା, କେତେ ବନ୍ଧ ବାନ୍ଧିବା...

**ଡ. ମନୋଜ କୁମାର ମହାନ୍ତି**

ସମୟଚକ୍ରରେ, ବିବର୍ତ୍ତନର ଅନ୍ତରାଳେ ମଣିଷର ଧୀରେ ଧୀରେ ପରିବର୍ତ୍ତିତ ହେବାରେ ଲାଗିଛି। ମୌଳିକ ଆବଶ୍ୟକତା ଅର୍ଥାତ୍ , ପରିମାଣଗତ ଅଭିବୃଦ୍ଧିପରେ ଜୀବନ ଏବେ ଗୁଣାତ୍ମକ ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ଲାଗିପଡ଼ିଛି। ନିଜ ଖାଦ୍ୟପେୟ, ପୋଷାକ ପରିଧାନ, ଆସବାବ ଆଦିରେ ନୂତନତା ଆଣିବାକୁ ତାର ପ୍ରୟାସ ଜାରି ରହିଛି। ସେ ଚାହିଁଛି କିଛି ଭଲ ଏବଂ ଅଧିକ ଭଲ। ପରିମାର୍ଜିତ ଜୀବନ ଜୀଇଁବା ସହ ନିଜ ବ୍ୟକ୍ତିତ୍ୱକୁ ଆକର୍ଷଣ କରିବା ପାଇଁ ତାର ଏବେ ଆନ୍ତରିକ ଉଦ୍ୟମ। ସୁନ୍ଦର ସ୍ୱାସ୍ଥ୍ୟ କେବଳ ଆକର୍ଷଣର କେନ୍ଦ୍ରବିନ୍ଦୁ ନୁହେଁ ବରଂ ଶିକ୍ଷାଦୀକ୍ଷା ନୈତିକ ମୂଲ୍ୟବୋଧ ଅନେକ କ୍ଷେତ୍ରରେ ଆମ ବ୍ୟକ୍ତିତ୍ୱକୁ ବର୍ଦ୍ଧିତ କରିବାରେ ସାହାଯ୍ୟ କରିଛି।

ସୃଷ୍ଟିର ଶ୍ରେଷ୍ଠପ୍ରାଣୀ ଏକ ସୁନ୍ଦର ପୃଥିବୀର ପରିକଳ୍ପନା ସହ ଉନ୍ନତ ପରିବେଶରେ ନିଜ ଆଚାରବିଚାର ଓ ବ୍ୟବହାରରେ କିଛି ତ୍ରୁଟିକୁ ସୁଧାରି ନିଜକୁ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥିତ ହେବାରେ ଯତ୍ନବାନ ପଛରେ ଆବଶ୍ୟକ ସଦ୍‌ଗୁଣକୁ କେତେକାଂଶରେ ଅନୁସରଣ କରୁଛି। କାରଣ ସଦ୍‌ଗୁଣ ବ୍ୟକ୍ତି ତଥା ସାମାଜିକ ଆଦର୍ଶ ଯାହା ଉଭୟ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସାମାଜିକ ବିକାଶରେ ସାହାଯ୍ୟ କରେ। ବ୍ୟକ୍ତିର ବିକାଶରେ ସାମାଜିକ ବିକାଶ ସମ୍ଭବ। ଅପରପକ୍ଷେ ଅନୈତିକ କାର୍ଯ୍ୟକଳାପ ଅର୍ଥାତ୍ ଅନାଦର୍ଶରେ ଲିପ୍ତ ବ୍ୟକ୍ତି ସମାଜ ପାଇଁ କଳଙ୍କ। ସାମାଜିକ ଅବନତିର କାରଣ। ଆଳସ୍ୟ, ଚୋରି, ଶଠତା, କଳାବଜାରୀ ଓ ଦୁର୍ନୀତି ଆଦି ସାମାଜିକ ସମସ୍ୟାର କାରଣ।

ବିଶ୍ୱର ପ୍ରମୁଖ ସମସ୍ୟା ରୂପେ ମୁଣ୍ଡ ଟେକିଛି ଜନ ବିସ୍ଫୋରଣ, ପ୍ରଦୂଷଣ ଓ ଦୁର୍ନୀତି। ଏ ସମସ୍ତ ଊର୍ଦ୍ଧ୍ୱରେ ଦୁର୍ନୀତିର କରାଳ ଗର୍ଭରେ ମଣିଷ ଧୀରେ ଧୀରେ ଲୀନ ହେବାରେ ଲାଗିଛି। ବିଶ୍ୱର କୋଣଅନୁକୋଣରେ ଦୁର୍ନୀତିରୂପକ ବୁଢ଼ିଆଣୀ ଜାଲରେ ପ୍ରାୟ ସମସ୍ତେ ଛନ୍ଦି ହୋଇଗଲେଣି। ଏହାର ବ୍ୟାପକତା ଦିନକୁ ଦିନ ବୃଦ୍ଧି ପାଉଛି। ଦୁର୍ନୀତି ତାର ପ୍ରଭାବ ବିସ୍ତାର କରିବାରେ ଲାଗିଛି। ଅନେକ ଦୃଷ୍ଟାନ୍ତ ଆମ ଚତୁଃପାର୍ଶ୍ୱରେ ଦେଖିବାକୁ ମିଳୁଛି। ଟଙ୍କାପଇସା ଭିତରେ ଦୁର୍ନୀତି ତାର ମାୟାଜାଲ ମେଲେଇ ଚାଲିଛି। ଗାନ୍ଧୀମୁଣ୍ଡ ଗୋଟେଇବାରେ ସଭିଏଁ ବ୍ୟସ୍ତ। ଯେଉଁ ଗାନ୍ଧୀ ସତ୍ୟ, ଅହିଂସା, ନ୍ୟାୟକୁ ଜୀବନର ଆତ୍ମିକ ଅସ୍ତିତ୍ୱ ମନେ କରୁଥିଲେ, ସେଇ ଗାନ୍ଧୀଙ୍କ କାଗଜନୋଟ ବିନା କିଛି ହେଉନାହିଁ। ବିଶେଷକରି ସରକାରୀ କାର୍ଯ୍ୟାଳୟ ଗୁଡିକରେ ଆଜିକାଲି ବିନା ହାତଗୁଞ୍ଜାରେ କୌଣସି କାମ ଆଗକୁ ବଢ଼ିବାର ନାମ ଧରୁନି। କେନ୍ଦ୍ର ତଥା ରାଜ୍ୟସ୍ତରରେ ଦୁର୍ନୀତି ନିବାରଣ ବିଭାଗ ମାଧ୍ୟମରେ ଦୁର୍ନୀତି ରୋକିବା ପାଇଁ ସରକାର ବିଭାଗ ପ୍ରଚେଷ୍ଟା ଜାରି ରଖିଛନ୍ତି। କିନ୍ତୁ ଯେଉଁ 'ଚାଉରକୁ ସେଇ ଚାଉର'। ସେଥିରେ ବିଶେଷ କିଛି ସଫଳତା ଦେଖିବାକୁ ମିଳୁନାହିଁ। କାଁଭା ହାତ ଗଣତିରେ କେତେ ଜଣ। କିନ୍ତୁ ଦେଶତଥା ରାଜ୍ୟ ଦୁର୍ନୀତିର ଚରମ ସୀମାରେ। ଦୁର୍ନୀତି ଆମ ରକ୍ତରେ, ଶିରା ପ୍ରଶିରାରେ ଏକଥା ଅସ୍ୱୀକାର କରିହେବନାହିଁ। ଖଜୁରି ଗଛର କିଗୁଣ ଗାଇବା ମୂଳରୁ ପାହାଚ ପାହାଚ। ଏଠି କମ୍ବଳଯାକ କେଶ। ସଭିଏଁ ଏକକୁ ଆରକ। କେହି କାହାଠାରୁ କମ ନୁହନ୍ତି। ଉଚ୍ଚ ସ୍ୱରରେ ସଭିଏଁ କ୍ରନ୍ଦନରତ କିନ୍ତୁ ଦୁର୍ନୀତି କରିବାରେ ସବୁ ଧୁରନ୍ଧର।(ପ୍ରଥମ ଭାଗ)

**ଭଦ୍ରକ**

## ବିରୋଧ କରିବା ଅଧିକାର କି କର୍ତ୍ତବ୍ୟ

**କିଶୋର ଚନ୍ଦ୍ର ବେହେରା**

**"ଚଳିତ ବର୍ଷ ବିଧାନସଭା ନିର୍ବାଚନରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ରାଜ୍ୟମାନଙ୍କରେ ପ୍ରଭାବ ପରିଲକ୍ଷିତ ହେବ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମତବ୍ୟକ୍ତ କରିଥିଲେ। ଗୋଟିଏ ପଟେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଦଳକୁ ବିଲ୍ ସମର୍ଥନ କରିବାକୁ ନିବେଦନ କରିଥିବାବେଳେ, ଅନ୍ୟପଟେ ବିରୋଧୀ ଦଳ ଏହାକୁ ନେଇ ଗମ୍ଭୀର ଆପତ୍ତି ଉଠାଇଥିଲେ। ସରକାର ମହିଳାମାନଙ୍କୁ ରାଜନୈତିକ ପ୍ରତିନିଧିତ୍ୱ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଚିତ୍ରଣ କରୁଥିବା ବେଳେ, ବିରୋଧୀ ଏହାକୁ ଏକ ରାଜନୈତିକ ରଣନୀତି ଏବଂ ଏକ ସାଂରଚନିକ ପରିବର୍ତ୍ତନ ଭାବରେ ଦେଖନ୍ତି।"**

ଅଧିକାର ଓ କର୍ତ୍ତବ୍ୟ ହେଉଛି ଏକା ମୁଦ୍ରାର ଦୁଇଟି ପାର୍ଶ୍ୱ, ଯାହା ପରସ୍ପର ପରିପୂରକ ଓ ନିର୍ଭରଶୀଳ। ଅଧିକାର ହେଉଛି ରାଷ୍ଟ୍ର ଦ୍ୱାରା ପ୍ରଦତ୍ତ ସୁବିଧା, ଯାହା ନାଗରିକର ବିକାଶ ପାଇଁ ଆବଶ୍ୟକ, ତେବେ କର୍ତ୍ତବ୍ୟ ହେଉଛି ସେହି ଅଧିକାରକୁ ବଜାୟ ରଖିବା ପାଇଁ ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱ। କର୍ତ୍ତବ୍ୟ ବିନା ଅଧିକାର ଅର୍ଥହୀନ, ଏବଂ ଅଧିକାର ବିନା କର୍ତ୍ତବ୍ୟ ବୋଝ ସଦୃଶ। ଯାହା ମୋର ଅଧିକାର, ତାହା ଅନ୍ୟର କର୍ତ୍ତବ୍ୟ। ସମାଜରେ ଶାନ୍ତି ଓ ବିକାଶ ପାଇଁ ଉଭୟଙ୍କ ମଧ୍ୟରେ ସନ୍ତୁଳନତାର ଆବଶ୍ୟକ ରହିଛି। ନାଗରିକଟିଏ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ପାଳନ କଲେ ହିଁ ଅନ୍ୟ ଏକ ନାଗରିକର ଅଧିକାର ସୁରକ୍ଷିତ ରହିବ । ଗଣତନ୍ତ୍ର ମନ୍ଦିରର ବିଧାନସଭା କିମ୍ବା ସଂସଦର ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ହେଉଛନ୍ତି ସମସ୍ତ ନାଗରିକଙ୍କ ରକ୍ଷା କବଚ। ସମାଜର ସାମଗ୍ରିକ ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ ମତଦାତାଙ୍କ ନିକଟରେ। ସାମଗ୍ରିକ ବିକାଶ ହେଉଛି ଏକ ସକାରାତ୍ମକ ପରିବର୍ତ୍ତନ, ଯାହା ଅର୍ଥନୈତିକ, ସାମାଜିକ, ଓ ଗୁଣାତ୍ମକ ଜୀବନଧାରାରେ ଉନ୍ନତି ଆଣିଥାଏ। ଏହା କେବଳ ଧନ ବୃଦ୍ଧି ନୁହେଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନଶୈଳୀ ଏବଂ ଜନସାଧାରଣଙ୍କ ସୁବିଧାସୁଯୋଗରେ ଉନ୍ନତିକୁ ବୁଝାଇଥାଏ। ଶାସକ ଓ ବିରୋଧୀ ଦଳର ନିର୍ବାଚିତ ପ୍ରତିନିଧିମାନେ ମହିଳାଙ୍କ ସୁରକ୍ଷା ପାଇଁ ସବୁବେଳେ ପ୍ରସ୍ତୁତ ହୋଇଥାନ୍ତି । ସମସ୍ୟାର ସମାଧାନ ନିମନ୍ତେ ସଂସଦ କିମ୍ବା ବିଧାନ ସଭାରେ ଆଲୋଚନାରେ ଭାଗ ନେଇ ନିଜର ମତାମତ ଉପସ୍ଥାପନ କରି ବିଲ୍ ପାରିତ କରିଥାନ୍ତି। ଚଳିତ ମାସ ୧୬ ତାରିଖରେ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ଏଥିରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଓ ମହିଳା ସଂରକ୍ଷଣ ବିଲ୍ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା କରିଥିଲେ। କିନ୍ତୁ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନ ମିଳିବାରୁ ତିନୋଟି ଯାକ ବିଲ୍ କାଟ୍ ଖାଇଯାଇଥିଲା। ଫଳରେ ମହିଳା ସଂରକ୍ଷଣ ବିଲ୍ ଆଗକୁ ବଢ଼ିପାରି ନଥିଲା। ମହିଳା ସଂରକ୍ଷଣ ସମ୍ପର୍କିତ ୧୩୧ତମ ସଂଶୋଧନ ବିଲ ଗୃହୀତ ହୋଇପାରିଲା ନାହିଁ। ମହିଳା ସଂରକ୍ଷଣ ଏବଂ ସୀମା ନିର୍ଦ୍ଧାରଣ ସମ୍ପର୍କିତ ତିନୋଟି ବିଲ ଉପରେ ହୋଇଥିବା ଭୋଟିଂରେ କେବଳ ୨୯୮ ଭୋଟ ସପକ୍ଷରେ ପଡ଼ିଥିଲା। ବିଲ ଫେଲ୍ ମାରିବା ପରେ, ଲୋକସଭା ବାଚସ୍ପତି ଓମ ବିର୍ଲା ଘୋଷଣା କରିଥିଲେ ଯେ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ ଖଣ୍ଡ ଭୋଟ ପଡ଼ିଛି। ବିଲ୍ ପାରିତ ଦିନ ସଂସଦରେ ମୋଟ ୪୮୯ ସଦସ୍ୟ ଉପସ୍ଥିତ ଥିଲେ। ସପକ୍ଷରେ ୨୭୮ ଏବଂ ବିପକ୍ଷରେ ୨୧୧ ଭୋଟ ଥିଲା। ଏହି ବିଲ ପାରିତ ହେବା ପାଇଁ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ ଥିଲା।

ବିଜେପି ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକୁ ଲଗାତାର ସମାଲୋଚନା କରିଚାଲିଛି। ବିରୋଧୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ମହିଳା ସଂରକ୍ଷଣ ବିଲ୍ ଆଗକୁ ବଢ଼ିପାରିଲାନି ବୋଲି ବିଜେପି ଆରୋପ ଲଗାଇଛି। ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ମହିଳା ଆକ୍ରୋଶ ସମାବେଶ କରାଯାଉଛି। ତେବେ ବିରୋଧୀ ପାଲଟା ଅଭିଯୋଗ କରି ବିଜେପିକୁ ସମାଲୋଚନା କରୁଛନ୍ତି। ମହିଳା ସଂରକ୍ଷଣ ଆଳରେ ବିବାଦୀୟ ସୀମା ପୁନଃ ନିର୍ଦ୍ଧାରଣ ପାରିତ କରିବାକୁ ସରକାର ଷଡ଼ଯନ୍ତ୍ର କରିଛି ବୋଲି ସେମାନେ ଅଭିଯୋଗ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଜେପି ଶାସିତ ରାଜ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ମହିଳା ସଂରକ୍ଷଣ ବିଲ୍ ବା ନାରୀ ଶକ୍ତି ବନ୍ଦନ ଅଧିନିୟମ ସପକ୍ଷରେ ପ୍ରସ୍ତାବ ପାରିତ କରିବାକୁ ବିଜେପି ରଣନୀତି ପ୍ରସ୍ତୁତ କରୁଛି। ସେହି କ୍ରମରେ ଓଡ଼ିଶା ସରକାର ଆସନ୍ତା ୩୦ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଯାଉଛନ୍ତି। ଦିନ ୧୧ଟାରୁ ସ୍ୱତନ୍ତ୍ର ଅଧିବେଶନ ବସିବ । ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।



ଭାରତର ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ଉପରେ ଆଲୋଚନା ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି।

ମହିଳା ସଂରକ୍ଷଣ ବିଲ୍ ସମ୍ପର୍କରେ ଶାସକ ଦଳ ଏବଂ ବିରୋଧୀଙ୍କ ମଧ୍ୟରେ ଲୋକ ସଭାରେ ଏକ ଉଷ୍ମ ବିତର୍କ ହୋଇଥିଲା। ନାରୀ ଶକ୍ତି ବନ୍ଦନ ଅଧିନିୟମ ଅନୁଯାୟୀ ସରକାରୀ, ଶିକ୍ଷା, ବିଜ୍ଞାନ, କ୍ରୀଡା, ଉଦ୍ୟୋଗୀତା, ଗଣମାଧ୍ୟମ, ସାମାଜିକ କାର୍ଯ୍ୟ ଏବଂ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଥିଲେ। ଭାରତର ବିକାଶ ମାର୍ଗ ଗଠନରେ ମହିଳାମାନଙ୍କ ଅଧିକ ଅଂଶଗ୍ରହଣ ଲାଗି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଓ ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଶାସନ ଏବଂ ନେତୃତ୍ୱ କ୍ଷେତ୍ରରେ ମହିଳାମାନଙ୍କର ବର୍ଦ୍ଧିତ ଭୂମିକାକୁ ମଧ୍ୟ ଉଜ୍ଜ୍ୱଳ କରିବାରେ ଏହା ଥିଲା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରୟାସ । ଅପର ପକ୍ଷେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଏହା କେବଳ ମହିଳା ସଂରକ୍ଷଣର ପ୍ରସଙ୍ଗ ନୁହେଁ, ବରଂ ଏହା ପଛରେ ଏକ ଲୁକ୍କାୟିତ ରାଜନୈତିକ ଅବଗଣନା ରହିଛି, ଯାହାକୁ ଜନସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରିବା ଆବଶ୍ୟକତା ରହିଛି। ଏହି ବିଲ୍ ବାହାନାରେ, ଭାରତର ନିର୍ବାଚନୀ ମାନଚିତ୍ରକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରାଯାଉଛି।

ଚଳିତ ବର୍ଷ ବିଧାନସଭା ନିର୍ବାଚନରେ ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ ରାଜ୍ୟମାନଙ୍କରେ ପ୍ରଭାବ ପରିଲକ୍ଷିତ ହେବ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମତବ୍ୟକ୍ତ କରିଛନ୍ତି। ଗୋଟିଏ ପଟେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଦଳକୁ ବିଲ ସମର୍ଥନ କରିବାକୁ ନିବେଦନ କରିଥିବାବେଳେ, ଅନ୍ୟପଟେ ବିରୋଧୀ ଦଳ ଏହାକୁ ନେଇ ଗମ୍ଭୀର ଆପତ୍ତି ଉଠାଇଥିଲେ। ସରକାର ମହିଳାମାନଙ୍କୁ ରାଜନୈତିକ ପ୍ରତିନିଧିତ୍ୱ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଚିତ୍ରଣ କରୁଥିବା ବେଳେ, ବିରୋଧୀ ଏହାକୁ ଏକ ରାଜନୈତିକ ରଣନୀତି ଏବଂ ଏକ ସାଂରଚନିକ ପରିବର୍ତ୍ତନ ଭାବରେ ଦେଖନ୍ତି।

ସମ୍ପ୍ରତି ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ଦ୍ରୁତଗତିରେ ଘଟୁଛି। ଏହା ଗଣତନ୍ତ୍ର ପାଇଁ ଏକ ଶୁଭ ଲକ୍ଷଣ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାରରେ ଅସ୍ଥିରତା ଦିନକୁ ଦିନ ବଢି ଚାଲିଛି । ଦୁର୍ନୀତି, ସରକାରଙ୍କ ଅପାରଗତା, ନିର୍ବାଚନରେ ଭଗ୍ନ ଜନାଦେଶ , ରାଜନୈତିକ ହିଂସା, ଦେଶସେବା ଓ ଦେଶଭକ୍ତିର ଅଭାବ , ବେକାରି, ନିରକ୍ଷରତା, ଦାରିଦ୍ର୍ୟ, ନିଜ ସଂସ୍କୃତିର ଅବକ୍ଷୟ ଓ ଅପସଂସ୍କୃତିର ଅନୁପ୍ରବେଶ, ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଇତ୍ୟାଦି କେତେକ କାରଣ ଭାରତୀୟ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ପାଇଁ ସଂପୂର୍ଣ୍ଣ ଭାବରେ ଦାୟୀ । ଏବେ ସମୟ ଆସିଛି , ଆତ୍ମନିରୀକ୍ଷଣ କରିବା ପାଇଁ। ଆମର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅଧିକ ଉନ୍ନତ ଓ ସୁଦୃଢ କରିବାକୁ ହେବ । ସେଥିପାଇଁ ଆବଶ୍ୟକ ହେଉଛି ନାଗରିକଙ୍କ ସାଧୁତା , ରାଜନେତା ଓ କର୍ମଚାରୀଙ୍କ ସଚ୍ଚୋଟପଣିଆ , ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ , ନିଃସ୍ୱାର୍ଥ ଦେଶସେବା ଓ ଦେଶ ପାଇଁ ତ୍ୟାଗ ବା ଆତ୍ମୋତ୍ସର୍ଗ, ରାଜନୈତିକ ଇଚ୍ଛାଶକ୍ତିର ଅଭିବୃଦ୍ଧି ଓ ସର୍ବୋପରି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଦୃଢ ବିଶ୍ୱାସ ସ୍ଥାପନ ଏବଂ ଆତ୍ମବିଶ୍ୱାସର ଦୃଢତା। ଗଣତନ୍ତ୍ରରେ ନାଗରିକମାନଙ୍କୁ ସରକାରଙ୍କ ଭୁଲ ନୀତି କିମ୍ବା ନିଷ୍ପତ୍ତି ବିରୋଧରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବାର ସାମ୍ବିଧାନିକ ଅଧିକାର ରହିଛି। ଅଯଥା କାମ କିମ୍ବା ନିୟମ ବିରୋଧରେ ସ୍ୱର ଉତ୍ତୋଳନ କରିବା ସାଧାରଣ ଜନତାଙ୍କ ଅଧିକାର। ଯେତେବେଳେ ସମାଜରେ ଅନ୍ୟାୟ, ଦୁର୍ନୀତି, କିମ୍ବା ଧର୍ମୀୟ ବିଦ୍ୱେଷ ସୃଷ୍ଟି ହୁଏ, ସେତେବେଳେ ତାହାର ଦୃଢ଼ ପ୍ରତିବାଦ କରିବା ନାଗରିକଙ୍କ କର୍ତ୍ତବ୍ୟ। ଏହାକୁ ସମାଜର ମଙ୍ଗଳ ପାଇଁ ଏକ ଦାୟିତ୍ୱ ଭାବେ ଗ୍ରହଣ କରାଯାଇଥାଏ । ଅନ୍ୟପକ୍ଷରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନାଗରିକଙ୍କ ପରମ କର୍ତ୍ତବ୍ୟ।

ଜିଲ୍ଲା: କୋରାପୁଟ
ମୋ- ୯୪୩୭୯୫୫୫୬୮

## ଆପ୍‌ରୁ ସାଂସଦଙ୍କ ଦଳବଦଳ: ବିଜେପିକୁ ଫାଇଦା

**ଡ. ଅମୂଲ୍ୟ କୁମାର ପଣ୍ଡା**

**"ସାତ ଜଣ ସାଂସଦଙ୍କ ଏକସଙ୍ଗେ ଦଳ ଛାଡ଼ିବା ନିଶ୍ଚିତ ଭାବରେ ଆପ୍ ଦଳ ସହିତ ବିଭିନ୍ନ ରାଜନୈତିକ ଦଳ ପାଇଁ ଏକ ଗମ୍ଭୀର ସଙ୍କେତ ଦିଏ । ଏହା ପଛରେ ରହସ୍ୟଯୁକ୍ତ ଆଭ୍ୟନ୍ତରୀଣ କାରଣ ଥାଇପାରେ। ଯେପରିକି ନେତୃତ୍ୱ ସମସ୍ୟା, ବରିଷ୍ଠ ଦଳର ନେତାଙ୍କ ସହିତ ମତଭେଦ, ଦଳର ବିଭିନ୍ନ ଦିଗ ପ୍ରତି ଅସନ୍ତୋଷ ଏବଂ ଆପ୍ ଦଳ ତାହାର ବିଚାରଧାରାରୁ ବିଚ୍ୟୁତ ହୋଇଛି ବୋଲି ପୂର୍ବାନୁମାନ କରାଯାଇପାରେ । ଏହା ବ୍ୟତୀତ, ବ୍ୟକ୍ତିଗତ ରାଜନୈତିକ ଲାଭ ମଧ୍ୟ ଏକ ପ୍ରମୁଖ ପ୍ରସଙ୍ଗ ହୋଇପାରେ ଏବଂ କିଛି ନେତା ଏକ ବୃହତ୍ ଦଳରେ ଯୋଗ ଦେଇ ନିଜର ସ୍ଥିତିକୁ ମଜଭୁତ କରିବାକୁ ଚାହୁଁଥିବାର କଥା ମଧ୍ୟ ଥାଇପାରେ।"**

ଆମ୍ ଆଦମୀ ପାର୍ଟିର ରାଘବ ଚଡ୍ଢାଙ୍କ ସମେତ ସାତ ଜଣ ସାଂସଦଙ୍କ ବିଦ୍ରୋହ ଓ ସେମାନଙ୍କ ଭାରତୀୟ ଜନତା ପାର୍ଟିରେ ଯୋଗଦାନ, ବର୍ତ୍ତମାନ ଭାରତ ରାଜନୈତିକ ଘଟଣା ମଧ୍ୟରେ ଅନ୍ୟତମ । ଏହା ଭାରତୀୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ମାର୍ଗ ଖୋଲି ଦେଇଛି । ଏହି ଘଟଣାଟି ବର୍ତ୍ତମାନ ଅନେକ ବାର୍ତ୍ତା ବହନ କରେ। ଆମେ ଜାଣିଛନ୍ତି ଭାରତୀୟ ରାଜନୀତି ସର୍ବଦା ସକ୍ରିୟ ଏବଂ ପରିବର୍ତ୍ତନଶୀଳ। ଯେଉଁ ୭ ଜଣ ଆପ୍ ଦଳର ନେତା ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ତିନିଜଣ ହେଉଛନ୍ତି ଅତି ମୁଖ୍ୟ ଓ ଲୋକପ୍ରିୟ ନେତା। ସେମାନେ ହେଲେ ପ୍ରଥମରେ ରାଘବ ଚଡ୍ଢା, ଦ୍ୱିତୀୟରେ ସନ୍ଦୀପ ପାଠକ ଓ ତୃତୀୟରେ ହେଉଛନ୍ତି ଅଶୋକ ମିତ୍ତଲ। ଏମାନଙ୍କ ଭୂମିକା ଆପ୍ ଦଳ ପାଇଁ ବହୁ ମୂଲ୍ୟବାନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଆପ୍‌ରେ ଏମାନଙ୍କ ସମ୍ପୃକ୍ତି ଓ ଅରବିନ୍ଦ କେଜରିୱାଲ୍‌ଙ୍କ ସହିତ ସମ୍ପର୍କ ଓ କାର୍ଯ୍ୟଶୈଳୀ ବିଷୟରେ କିଛି ଆଲୋଚନା କରିବା। ରାଘବ ଚଡ୍ଢା ଆମ ଆଦମୀ ପାର୍ଟିର ଜଣେ ଯୁବ ଏବଂ ପ୍ରଭାବଶାଳୀ ନେତା ଥିଲେ। ସେ ତାଙ୍କର ସିଧାସଳଖ ଭାଷା, ଦୃଢ଼ ମତ ଏବଂ ଦୁର୍ନୀତି ବିରୋଧୀ ଭାବନା ପାଇଁ ଜଣାଶୁଣା। ରାଘବ ଚଡ୍ଢାଙ୍କୁ ଆମ ଆଦମୀ ପାର୍ଟିର ଯୁବ ଚେହେରା ଭାବରେ ଦେଖାଯାଏ ଏବଂ ଦଳର ଜାତୀୟ ନେତୃତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୯୮୮ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ବ୍ୟକ୍ତି ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ପରେ ସେ ରାଜନୀତିରେ ପ୍ରବେଶ କରିଥିଲେ । ଅରବିନ୍ଦ କେଜ୍ରିୱାଲଙ୍କ ନିକଟତମ ସହଯୋଗୀ ଭାବରେ ଉଭା ହୋଇଥିଲେ। ସେ ୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସିକନ୍ଦର ନଗର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ ଏବଂ ପରେ ରାଜ୍ୟସଭା ସଦସ୍ୟ ହୋଇଥିଲେ। ୨୦୧୨ ମସିହାରେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଆମ ଆଦମୀ ପାର୍ଟି ଗଠିତ ହୋଇଥିଲା। ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଦେଶରୁ ଦୁର୍ନୀତିକୁ ରୋକିବା, ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ସାଧାରଣ ଲୋକଙ୍କ ପାଇଁ କାମ କରିବା। ଏହି ଦଳର ନିର୍ବାଚନ ପ୍ରତୀକ ହେଉଛି ଝାଡୁ ଯାହା ଦୁର୍ନୀତିକୁ ସଫା କରିବାର ପ୍ରତୀକ ବୋଲି କୁହାଯାଇଥିଲା । ରାଘବ ଚଡ୍ଢା ଆପ୍‌ର ନୀତି ଏବଂ ରଣନୀତିକ ନିଷ୍ପତ୍ତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସେ ପଞ୍ଜାବ ନିର୍ବାଚନ ସମୟରେ ଦଳର ମୁଖ୍ୟ ପ୍ରଚାରକ ଭାବରେ କାର୍ଯ୍ୟ କରିଥିଲେ । ସେଠାରେ ଆପ୍‌ର ବିଜୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅର୍ଥ ଏବଂ ପ୍ରଶାସନ ବିଷୟରେ ଗଭୀର ବୁଝାମଣା ଅଛି। ସେ ଦିଲ୍ଲୀରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଏବଂ ଜଳ ସେବାରେ ଅନେକ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି । ସରକାରୀ ସ୍କୁଲ, ମୋହଲ୍ଲା କ୍ଲିନିକ୍‌ରେ ଉନ୍ନତି ଏବଂ ମୌଳିକ ସୁବିଧା ପାଇଁ ସହଜ ପହଞ୍ଚିବା ଦଳର ପ୍ରମୁଖ ସଫଳତା ମଧ୍ୟରୁ ଅନ୍ୟତମ। ଏହି ସମସ୍ତ ପଦକ୍ଷେପ ରାଘବ ଚଡ୍ଢାଙ୍କ ପରାମର୍ଶ ଏବଂ ଯୋଜନାକୁ ପ୍ରତିଫଳିତ କରେ।

ଦ୍ୱିତୀୟରେ ସନ୍ଦୀପ ପାଠକ ଜଣେ ଜଣାଶୁଣା ଭାରତୀୟ ରାଜନେତା ଏବଂ ଆମ ଆଦମୀ ପାର୍ଟିର ଜଣେ ପ୍ରମୁଖ ନେତା। ସେ ଆପ୍‌ର ସାଂଗଠନିକ ଶକ୍ତି ଏବଂ ଏହାର ନିର୍ବାଚନୀ ଯୋଜନାକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ପାଇଁ ବିଶେଷ ଭାବରେ ଜଣାଶୁଣା। ସନ୍ଦୀପ ପାଠକ ଶିକ୍ଷା କ୍ଷେତ୍ରରୁ ସିଧାସଳଖ ରାଜନୀତିରେ ପ୍ରବେଶ କରିଥିଲେ। ସେ ପୂର୍ବରୁ ଜଣେ ଶିକ୍ଷକ ଏବଂ ଗବେଷକ ଥିଲେ, ଏବଂ ତାଙ୍କର ଚିନ୍ତାଧାରା ଓ ପ୍ରଶାସନିକ ଦକ୍ଷତା ଆପ ଦଳକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ସରଳ ଜୀବନଶୈଳୀ ଏବଂ ଦୃଢ଼ ନୀତି ତାଙ୍କୁ ଲୋକଙ୍କ ମଧ୍ୟରେ ଲୋକପ୍ରିୟ କରିଛି। ଆପ୍‌ରେ ସନ୍ଦୀପ ପାଠକଙ୍କ ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ରଖେ। ସେ ଦଳର ଜାତୀୟ ସଂଗଠନ ସମ୍ପାଦକ ଭାବରେ କାର୍ଯ୍ୟ କରନ୍ତି। ଏହି ପଦବୀରେ, ସେ ଦଳର ସଂଗଠନକୁ ମଜଭୁତ କରିବା, ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦେବା ଏବଂ ଏହାର ନୀତିଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ପ୍ରୟାସ ଦିଲ୍ଲୀ ବାହାରେ ଅନ୍ୟ ରାଜ୍ୟଗୁଡ଼ିକରେ ଆପ୍‌ର ପ୍ରଭାବକୁ ବିସ୍ତାର କରିଥିଲା । ସନ୍ଦୀପ ପ୍ରକାଶ ରାଜ୍ୟସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ , ଯାହା ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବିବେଚନା କରାଯାଏ । ସେ ସଂସଦରେ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରନ୍ତି ଏବଂ ଜନସାଧାରଣଙ୍କ ଚିନ୍ତାଧାରା ଉତ୍ଥାପନ କରନ୍ତି। ତାଙ୍କର କହିବାଶୈଳୀ ଏବଂ ସ୍ୱଷ୍ଟ ଚିନ୍ତାଧାରା ତାଙ୍କୁ ଅନ୍ୟ ନେତାମାନଙ୍କଠାରୁ ଭିନ୍ନ କରିଥାଏ। ତାଙ୍କର ନେତୃତ୍ୱ ଏବଂ ରଣନୀତି ଆପ୍‌କୁ ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା । ତାଙ୍କର ଯୋଜନା ଏବଂ ପରିଚାଳନା ଦଳ ବିଶେଷକରି ନିର୍ବାଚନ ସମୟରେ ସକାରାତ୍ମକ ଫଳାଫଳ ଆଣିଥିଲା । ସେ ଯୁବ ପିଢ଼ିକୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରେରଣା ଦେଇଛନ୍ତି ।

ତୃତୀୟରେ ଅଶୋକ କୁମାର ମିତ୍ତଲ ଭାରତର ଜଣେ ପ୍ରସିଦ୍ଧ ଶିକ୍ଷାବିତ୍ ଏବଂ ରାଜନେତା। ଲଭଲି ପ୍ରଫେସନାଲ୍ ୟୁନିଭରସିଟିର ପ୍ରତିଷ୍ଠାତା ଏବଂ କୁଳପତି ଭାବରେ ସେ ଦେଶର ଶିକ୍ଷା କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତି। ପଞ୍ଜାବର ମୂଳ ନିବାସୀ ମିତ୍ତଲ ତାଙ୍କ ପ୍ରୟାସ ଏବଂ ଦୃଢ଼ ଚିନ୍ତାଧାରା ମାଧ୍ୟମରେ ଏକ ଛୋଟ ଶିକ୍ଷାନୁଷ୍ଠାନକୁ ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ପରିଣତ କରିଥିଲେ। ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ସମାଜରେ ବିଶେଷ ସମ୍ମାନ ଦେଇଛି। ମିତ୍ତଲ ଆମ ଆଦମୀ ପାର୍ଟି ମାଧ୍ୟମରେ ରାଜନୀତିରେ ପ୍ରବେଶ କରିଥିଲେ। ମିତ୍ତଲଙ୍କ ଆପ୍‌ରେ ଯୋଗଦାନ ତାଙ୍କର ସମାଜ ସେବା ଏବଂ ପରିବର୍ତ୍ତନ ପାଇଁ ଇଚ୍ଛାକୁ ପ୍ରତିଫଳିତ କରିଥିଲା । ୨୦୨୨ ରେ ଅଶୋକ ମିତ୍ତଲ ଆପ୍ ଦ୍ୱାରା ପଞ୍ଜାବରୁ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଏହା ତାଙ୍କ ରାଜନୈତିକ କ୍ୟାରିୟରରେ ଏକ ପ୍ରମୁଖ ମାଇଲଖୁଣ୍ଟ ଥିଲା। ରାଜ୍ୟସଭାରେ ସେ ଶିକ୍ଷା, ଉଦ୍ୟୋଗିତା ଏବଂ ଯୁବ ବିକାଶ ସହିତ ଜଡିତ ପ୍ରସଙ୍ଗ ଉପରେ ନିଜର ମତ ପ୍ରକାଶ କରିଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଜାତୀୟ ନୀତି ଗଠନରେ ଲାଭଦାୟକ ହୋଇଥିଲା । ସମାଜସେବାରେ ମିତ୍ତଲଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରାଯାଇଛି। ସେ ଶିକ୍ଷା ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆପ୍‌ରେ ତାଙ୍କର ଯୋଗଦାନ ଏହି କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା । ଅଶୋକ ମିତ୍ତଲ ଜଣେ ସଫଳ ଶିକ୍ଷାବିତ୍ ଏବଂ ଉଦ୍ୟୋଗୀ ହେବା ବ୍ୟତୀତ ଜଣେ ସକ୍ରିୟ ରାଜନେତା ମଧ୍ୟ ଥିଲେ ।

ଏବେ ଭାରତୀୟ ଜନତା ପାର୍ଟି ଦେଶର ସବୁଠାରୁ ବଡ଼ ଦଳ। ଆପ୍ ସାଂସଦମାନେ ବିଜେପିରେ ଯୋଗ ଦେଇଥିବା ହେତୁ ଏହା ସତ୍ୟ ଯେ ବିଜେପିର ଶକ୍ତି ବୃଦ୍ଧି ପାଇବ ଏବଂ ଆପ ଦୁର୍ବଳ ହେବ ଏବଂ ରାଜନୈତିକ ସମୀକରଣ ପରିବର୍ତ୍ତନ ହେବ। ଏପରି ଘଟଣା ଦେଶର ରାଜନୀତିରେ ପ୍ରମୁଖ ପରିବର୍ତ୍ତନ ଆଣିପାରେ। ଯେପରିକି ବିରୋଧୀ ଶକ୍ତିକୁ ଦୁର୍ବଳ କରିବା ଏବଂ ବିଜେପିର ଶକ୍ତି ବୃଦ୍ଧି କରିବା ଆଉ ନୂତନ ଲୋକପ୍ରିୟ ନେତାଙ୍କ ଯୋଗ ବିଜେପିକୁ ମଜଭୁତ କରିବ। ତଥାପି ଏହା ମଧ୍ୟ ସତ୍ୟ ଯେ ଲୋକମାନେ ଦଳ ପରିବର୍ତ୍ତନ ବିଷୟରେ ସନ୍ଦେହ ପ୍ରକାଶ କରିପାରନ୍ତି, ଯାହାର ନକାରାତ୍ମକ ପରିଣାମ ମଧ୍ୟ ହୋଇପାରେ। ଗଣତନ୍ତ୍ରରେ ଦଳ ପରିବର୍ତ୍ତନ ସାଧାରଣ, କିନ୍ତୁ ଏହା ନୀତିଗତ ପ୍ରଶ୍ନ ମଧ୍ୟ ଉଠାଏ। ଉଦାହରଣ ସ୍ୱରୂପ, ନେତାମାନେ କେବଳ କ୍ଷମତା ପାଇଁ ଦଳ ପରିବର୍ତ୍ତନ କରୁଛନ୍ତି ନା ସେମାନେ ସେମାନଙ୍କର ବିଚାରଧାରା ପାଇଁ ଏପରି କରୁଛନ୍ତି ? ଗଣମାଧ୍ୟମ ଏହି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିବ। ଏହା ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନାର ବିଷୟ ହେବ। ଜନମତ ଦୁଇଟି ଗୋଷ୍ଠୀରେ ବିଭକ୍ତ ହେବ। କିଛି ସମର୍ଥନ କରିବେ, କିଛି ବିରୋଧ କରିବେ। ଏପରି ପରିସ୍ଥିତିରେ, ଆପ୍ କିଛି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଯେପରିକି ଦଳକୁ ଏକତ୍ର କରିବା, ନୂତନ ନେତୃତ୍ୱ ପ୍ରବର୍ତ୍ତନ କରିବା ଏବଂ ଜନସାଧାରଣଙ୍କ ଆଶାକୁ ପୁନର୍ଜୀବିତ କରିବା। ଏହି ପରିସ୍ଥିତିରେ ଏହା ବିଜେପି ପାଇଁ ଏକ ପ୍ରମୁଖ ସୁଯୋଗ ହୋଇପାରେ ବିରୋଧୀ ଦଳକୁ ଦୁର୍ବଳ କରିବା ଓ ଦଳରେ ନୂତନ ନେତାଙ୍କୁ ଆଣିବା ଏବଂ ଆଗାମୀ ନିର୍ବାଚନର ଲାଭ ଉଠାଇବା। ଏହା ଦଳୀୟ ରାଜନୀତିର ଅସ୍ଥିରତାକୁ ପ୍ରକାଶ କରିବା ସହିତ ଏହା ସାଧାରଣ ଜନତାଙ୍କୁ ଅବଗତ କରାଏ ଯେ ରାଜନୀତି କେବଳ ବିଚାରଧାରା ନୁହେଁ, ବରଂ କ୍ଷମତା ଏବଂ ରଣନୀତିର ଏକ ମିଶ୍ରଣ ପର୍ବ ଯାହା ଏଣ୍ଡୁଅ ଭଳି ସମୟ ଚକ୍ରରେ ନିଜର ରଙ୍ଗ ବଦଳାଇଥାଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବିଜିଡି କଲେଜରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଦୟାସାଗର ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ୧୯୧ ଜଣ ଛାତ୍ରୀ ୪ଟି ପର୍ଯ୍ୟାୟରେ ତାଲିମ ଗ୍ରହଣ କରିଥିଲେ। ଏହି ତାଲିମ ଶିବିର ୧୭ ତାରିଖରୁ ଆରମ୍ଭ ହୋଇ ହୋଇଥିଲା। ଏଥିରେ ପୁଷ୍ପାଞ୍ଜଳି ବାଗ,ରୀତା କିଷାନ ତାଲିମଦାତ୍ରୀ ଭାବେ ଯୋଗଦେଇ କରାଟେ, ଜୁଡୋ,ପାମ୍ ଷ୍ଟ୍ରାଇକ, କିକ, ରେସଲିଙ୍ଗ ପ୍ରମୁଖ କୌଶଳ ଶିଖାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଯଶୋଦା ମାଝି, ତପନ ସାହୁ, ସଂଯୋଜକ ପି. ଦାସ, ଅଶୋକ ଭଇଁଷା ପ୍ରମୁଖ ସହଯୋଗ କରିଥିଲେ।

## ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ଜାତୀୟ ସେବା ଯୋଜନା କେନ୍ଦ୍ରୀୟ ନିରୀକ୍ଷଣ ମଣ୍ଡଳୀ ସଦସ୍ୟ ମନୋନୀତ

ଭବାନୀପାଟଣା,(ନି.ପ୍ର): ଭାରତ ସରକାରଙ୍କ ଜାତୀୟ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ, ନୂଆ ଦିଲ୍ଲୀ ଦ୍ୱାରା ଜାତୀୟ ସେବା ଯୋଜନା ନିରିକ୍ଷଣ ଓ ଉନ୍ନତିକରଣ ତଥା ପୋଟାଲ୍ ନିର୍ମାଣ କେନ୍ଦ୍ରୀୟ ମଣ୍ଡଳୀରେ ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ମନୋନୀତ ହୋଇଛନ୍ତି। ସେ ଆଞ୍ଚଳିକ ନିର୍ଦ୍ଦେଶାଳୟ ଜାତୀୟ ସେବା ଯୋଜନା ଭୁବନେଶ୍ୱର ଦ୍ୱାରା ପ୍ରସ୍ତାବିତ ହୋଇ ଏହି କେନ୍ଦ୍ରିୟ ମଣ୍ଡଳିରେ ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ସର୍ବ ମୋଟ୍ ୨୫ ଜଣ ଜାତୀୟ ସେବା ଯୋଜନାର ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ନେଇ ଏହି ନିରିକ୍ଷଣ ତଥା କାର୍ଯ୍ୟକ୍ରମ ମଣ୍ଡଳୀ ସ୍ଥାନୀତ ହୋଇଥିବା ବେଳେ ତନ୍ମଧ୍ୟରୁ ଓଡ଼ିଶାରୁ ଜଣ ମାତ୍ର ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ଜାତୀୟ ସେବା ଯୋଜନା ପ୍ରତି ଶ୍ରୀ ଦାଶଙ୍କ କାର୍ଯ୍ୟଦକ୍ଷତା ଏବଂ ଭାରତ ସରକାରଙ୍କ ଜାତୀୟ ଯୁବ ଓ କ୍ରୀଡାମନ୍ତ୍ରଣାଳୟ ଅନ୍ତର୍ଗତ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେ କରିଯାଇଥିବା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଜାତୀୟ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ଭାରତ ସରକାର ତଥା ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ଯୁବ ଅଧିକାରୀ ଏସ୍. କବିର, ଅଜିତ ଖୁସଓ୍ୱା ଓ ଅନ୍ୟାନ୍ୟ ଅଧିକାରୀ ସମେତ ମହାବିଦ୍ୟାଳୟ ଅଧକ୍ଷ ପରମେଶ୍ୱର ମୁଣ୍ଡ ଏବଂ ଅନ୍ୟାନ୍ୟ ଅଧ୍ୟାପକ କର୍ମଚାରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କର ଏହି ମନୋନୟନ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ କରିବ ବୋଲି ସେ ଖୁସିବ୍ୟକ୍ତ ହେବା ସହ ମତବ୍ୟକ୍ତ କରିଛନ୍ତି।

## ପଶୁଚିକିତ୍ସକଙ୍କ ଭୂମିକା ଉପରେ ଆଲୋଚନା

ପାରଳାଖେମୁଣ୍ଡି,(ନିପ୍ର): ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟର ସ୍କୁଲ୍ ଅଫ୍ ଭେଟେରିନାରୀ ଆଣ୍ଡ୍ ଆନିମଲ୍ ସାଇନସ୍ସେ ପକ୍ଷରୁ ବିଶ୍ୱ ପଶୁଚିକିତ୍ସା ଦିବସ ପାଳନ କରାଯାଇଛି । ଚଳିତ ବର୍ଷ ଏହି ଦିବସ 'ପଶୁଚିକିତ୍ସକ : ଖାଦ୍ୟ ଏବଂ ସ୍ୱାସ୍ଥ୍ୟର ରକ୍ଷକ' ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିଲା । ଯାହା ପଶୁ ସ୍ୱାସ୍ଥ୍ୟ, ମାନବ କଲ୍ୟାଣ ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ପଶୁଚିକିତ୍ସକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା ହୋଇଥିଲା । ଯେଉଁଥିରେ ବିଶେଷଜ୍ଞମାନେ କୃଷି ଏବଂ ଆନୁଷଙ୍ଗିକ ବିଜ୍ଞାନ ସ୍କୁଲର ପ୍ରଫେସର ନିର୍ଦ୍ଦେଶକ ଡକ୍ଟର କେ. ସର୍ଜନ ରାଓ, ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ସ୍କୁଲର ଡିନ୍ ଡକ୍ଟର ସୁରେଶ ସୁବ୍ରମଣ୍ୟମ୍, ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ସ୍କୁଲର




ସହଯୋଗୀ ଡିନ୍ ଡକ୍ଟର ଗିରିଶ କୁମାର ମହାନ୍ତି, ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ସ୍କୁଲର ସହଯୋଗୀ ଡିନ୍ ପ୍ରଫେସର ଡକ୍ଟର ତପନ କୁମାର ମଣ୍ଡଳ, ପ୍ରଫେସର ଡକ୍ଟର ପି.ଆଇ. ଗଣେଶନ୍ ଏବଂ ଡକ୍ଟର ଅଂଶୁମାନ ମହାପାତ୍ରଙ୍କ ସମେତ ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

ଆଲୋଚନାରେ ପ୍ରାଣୀ ଚିକିତ୍ସା ବିଜ୍ଞାନରେ ସାମ୍ପ୍ରତିକ ଚ୍ୟାଲେଞ୍ଜ ଏବଂ ଏକ ସ୍ୱାସ୍ଥ୍ୟ ପଦ୍ଧତିର ଗୁରୁତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଶାଖାପାଟଣାର ବେସ୍ ଭିକ୍ଟୁଆଲିଂ ୟାର୍ଡର ପଶୁଚିକିତ୍ସକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଭି. କମଲରାଜ ଯୋଗଦେଇ ଜାତୀୟ ଖାଦ୍ୟ ସୁରକ୍ଷାରେ ପଶୁଚିକିତ୍ସକଙ୍କ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଫେସର ଡକ୍ଟର କେ. ସର୍ଜନ ରାଓ 'ବିଶ୍ୱ ଖାଦ୍ୟ ନୀତି: ଖାଦ୍ୟ ସୁରକ୍ଷା ଏବଂ ଏକ ସ୍ୱାସ୍ଥ୍ୟ ଉପରେ ପଶୁଚିକିତ୍ସକଙ୍କ ଭୂମିକା' ଉପରେ ଏକ ବିଶେଷଜ୍ଞ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ସିୟୁଟିଏମ୍‌ର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର, ଡିନ୍ ପ୍ରଶାସନ ପ୍ରଫେସର ଏସ୍.ପି. ନନ୍ଦ, ଡିନ୍ ପ୍ରଶାସନ ପ୍ରଫେସର ଦୁର୍ଗା ପାଢୀ, ଡିନ୍ ପ୍ରଶାସନ ଡକ୍ଟର ସୁରେଶ ସୁବ୍ରମଣ୍ୟମ୍, ଡିନ୍, ସ୍କୁଲ୍ ଅଫ୍ ଭେଟେରିନାରୀ ଆଣ୍ଡ୍ ଆନିମଲ୍ ସାଇନସ୍ସେ ଡକ୍ଟର ଗିରିଶ କୁମାର ମହାନ୍ତି, ଡକ୍ଟର ତୁଷାରେନ୍ଦୁ ନାୟକ ଏବଂ ଡକ୍ଟର ଅଂଶୁମାନ ମହାପାତ୍ର ଯୋଗଦେଇଥିଲେ ।

# ଗ୍ରାମବାସୀଙ୍କ ନିଷ୍ପତ୍ତି: ମଦ ବିକିଲେ ୨ ଲକ୍ଷ ଜୋରିମାନା

ରାୟଗଡ଼ା,(ନି: ପ୍ର): ଗ୍ରାମବାସୀଙ୍କ ନିଷ୍ପତ୍ତି ମଦ ବିକିଲେ ୨ ଲକ୍ଷ ଜୋରିମାନା। ଗାଁରେ ଯଦି କେହି ମଦ ବିକ୍ରିକଲେ ଏଣିକି ଗଣିବ ଦୁଇଲକ୍ଷ ଟଙ୍କା ଡଣ୍ଡ। ଏହା ସମସ୍ତ ଗ୍ରାମବାସୀଙ୍କ ନିଷ୍ପତ୍ତି। ଏଭଳି ନିଷ୍ପତ୍ତି ଗ୍ରାମବାସୀଙ୍କ ହିତରେ କରାଯାଉଥିବାବେଳେ ଘରଗୁଡ଼ିକରେ ଶାନ୍ତି ଏବଂ ସମ୍ପର୍କରେ ନିବିଡ଼ ତା ଆସିପାରିବ। ପିଲେ ଘରେ ଖୁସି ଆନନ୍ଦରେ ପଢ଼ାପଢ଼ି କରିପାରିବେ। କିନ୍ତୁ ଗ୍ରାମରେ ଏହି ନିଷ୍ପତ୍ତି ନିଆଯାଇଥିବାରୁ ମଦବେପାରୀ ଆଉ ମଦ୍ୟପଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି କାରଣ ସେମାନଙ୍କ ପାଇଁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ପରମ୍ପରା ପ୍ରକାରେ ପର୍ବପର୍ବାଣୀରେ ମଦ ପିଇବା ପାଇଁ ଗାଁ ମୁଖିଆଙ୍କ ଅନୁମତି ଆବଶ୍ୟକ ବୋଲି ସ୍ଥିର ନିଶ୍ଚିତ ହୋଇଛି। ଏଥିରେ ଆଉ କାହାର କିଛି କହିବାର ନାହିଁ। ଏହା ସାମୁହିକ ହିତରେ କରଯାଇଥିବା ଗାଁର ମୁଖିଆଙ୍କ ଠାରୁ ପ୍ରକାଶ। ଏହି ମଦ୍ୟପାନ କରି ଘରେ ଘରେ ଶାନ୍ତି ଶୃଙ୍ଖଳା ବ୍ୟାହତ ହେଉଛି। ଅନାବଶ୍ୟକ ଝଗଡ଼ା ଏବଂ ମାରପିଟ୍ ମଧ୍ୟ ହେଉଥିବା ବେଳେ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧାହେଉଛି।ଘରେ ପିଲା ଏକପ୍ରକାର ଭୟଭୀତ ଅବସ୍ଥାରେ ରହୁଥିବା ଜଣାପଡିଛି। ଏଭଳି ଘଟଣା ରାୟଗଡ଼ା ଜିଲ୍ଲା ତାଡ଼ମା ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଦେଖିବାକୁ ମିଳିଛି। ଗାଁରେ ମଦ ବିକ୍ରିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ମଦ ବିକ୍ରି କଲେ ଜୋରିମାନା ଦେବାକୁ ପଡ଼ିବ ୨ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ହୋଇଛି। ଗାଁ ମୁଖିଆ ସତ୍ୟ କାଡ୍ରାକା ଏହି ସର୍ବସମ୍ମତିକ୍ରମେ ନିଆଯାଇଥିବା ନିଷ୍ପତ୍ତିକୁ ଜଣେଇ ଦିଆଯାଇଛି। ଗାଆଁରେ ମଦ ବିକ୍ରିକୁ ବାରଣ କରାଯାଇଛି।ଏହି ନିଷେଧ ଆଜ୍ଞାଙ୍କୁ ଯିଏବି ଅବମାନନା କରିବ ଗାଁର ହିତ ବାଧାପ୍ରାପ୍ତ ହେବ। ଗାଆଁରେ ଏକ ଆବାସିକ ବିଦ୍ୟାଳୟ ରହିଛି। ଅନେକ ସମୟରେ ଏହା ଦୃଷ୍ଟିକୁ ଆସିଛି ଯେ, ପିଲାମାନେ କୁସଂଗରେ ପଡି ନିଶା ସେବନ କରୁଥିବା ବେଳେ ମଦ୍ୟପାନ କରି ଅନେକ ଯୁବକ ପଥଭ୍ରଷ୍ଟ ହେଉଥିଲେ। ଫଳରେ କି ଘର ସଂସାର ଉଜୁଡି ଯାଉଛି,ମଦ୍ୟପାନରୁ କ୍ଷାନ୍ତ ରହିବାକୁ ସମସ୍ତଙ୍କୁ କୁହାଯାଇଛି। ତେଣୁ ଗ୍ରାମବାସୀ ଶେଷରେ ଏହି ନିଷ୍ପତ୍ତି ନିଆଯାଇଥିବା ସରପଞ୍ଚ ସୋମନାଥ ଯାକକାଙ୍କ ଠାରୁ ପ୍ରକାଶ।

### ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ

## ଆଜନ୍ମ ଦୃଷ୍ଟିବାଧିତ ଦେବେ ୟୁପିଏସ୍‌ସି ପରୀକ୍ଷା

ଦାମନଯୋଡି,(ନିପ୍ର): ଜଣେ ମଣିଷ ଯଦି କୌଣସି କାର୍ଯ୍ୟ କରିବା ପାଇଁ ନିଜ ମନରେ ଦୃଢ଼ ଇଚ୍ଛାଶକ୍ତି ସୃଷ୍ଟି କରି ପ୍ରୟାସ ଜାରି ରଖିଲେ ମଣିଷ ସବୁ କାର୍ଯ୍ୟରେ ସଫଳ ହୋଇପାରିବ। ଏଭଳି ଏକ ସଦ୍ୟ ଉଦାହରଣ ଦେଖାଯାଇଥିଲା ଭେଜାପୁଟ ବଜାରରେ । ସୁନାବେଡା ଡି ପି କ୍ୟାମ୍ପର ଶଙ୍କର ନାୟକ (ଜନ୍ମରୁ ଦୃଷ୍ଟି ବାଧିତ) ଦାମନଯୋଡି ନିଜର କିଛି କାମ ଉଦ୍ଦେଶ୍ୟରେ ଆସିଥିବା ବେଳେ ଆମ ପ୍ରତିନିଧି ତାଙ୍କ ସହିତ ସାକ୍ଷାତ କରିଥିଲେ । ବାପା ବାଳକୃଷ୍ଣ ନାୟକ ଓ ମା' ସୂର୍ଯ୍ୟମଣି ନାୟକଙ୍କ ଛଅ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ଶଙ୍କର ଚତୁର୍ଥ ସନ୍ତାନ ।




ବାଳକୃଷ୍ଣ ଘରେ ଗାଇ ରଖି କ୍ଷୀର ବ୍ୟବସାୟ କରି ଯାହା କିଛି ରୋଜଗାର କରନ୍ତି, ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ହୁଏ । ଶଙ୍କର ପ୍ରଥମରୁ ଦଶମ ଶ୍ରେଣୀ କୋରାପୁଟ ସ୍ଥିତ ଅନ୍ଧ ମୁକବଧିର ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । କୋରାପୁଟ ଡି ଏ ଭି କଲେଜରେ ଯୁକ୍ତ ଦୁଇ ଓ ସୁନାବେଡା ଏ ସି କଲେଜରୁ ଯୁକ୍ତ ତିନି ସାରିବା ପରେ ଇତିହାସରେ ସ୍ନାତକୋତ୍ତର ହାସଲ କରିଛନ୍ତି । ଜନ୍ମରୁ ଦେଖି ପାରୁଥିଲେ ମଧ୍ୟ ଗୋଟିଏ ପରେ ଗୋଟେ ସଫଳତା ହାସଲ କରି ପାରିଛନ୍ତି ଓ ଆଗାମୀ ଜୁନ ମାସରେ ହେବାକୁ ଥିବା ୟୁ ପି ଏସ ସି ପରୀକ୍ଷା ଦେବା ପାଇଁ ଜୋର୍ ସୋର ପ୍ରସ୍ତୁତି କରୁଛନ୍ତି ବୋଲି ଶଙ୍କର କହିଛନ୍ତି। ଗତ କିଛି ମାସ ପୂର୍ବରୁ ସେ ବର୍ଷା ନାମ୍ନୀ ଆଂଶିକ ଦୃଷ୍ଟିହୀନାଙ୍କୁ ବିବାହ କରିଛନ୍ତି । ସହଧର୍ମିଣୀ ବର୍ଷାଙ୍କ ସମେତ ପରିବାର ଲୋକେ ତାଙ୍କୁ ସବୁ ସମୟରେ ଓ ସବୁ ପରିସ୍ଥିତିରେ ସହଯୋଗ କରୁଛନ୍ତି ବୋଲି କହିବା ସହିତ ନିଜର ଦୃଢ଼ ଇଚ୍ଛା ଶକ୍ତି ଓ ଉଦ୍ୟମ ନଥିଲେ କୌଣସି କାର୍ଯ୍ୟ ସଫଳ ହେବ ନାହିଁ ବୋଲି ଶଙ୍କର କହିଥିଲେ । ସମାଜର କିଛି ଉନ୍ନତି କରିବାର ଲକ୍ଷ ନେଇ ସେ ଏହାକୁ ଚୟନ କରିଛନ୍ତି ବୋଲି କହିଥିଲେ । ଦୈନିକ ଖବର କାଗଜ 'ଦିନଲିପି' ପରିବାର ପକ୍ଷରୁ ଶଙ୍କର ନାୟକଙ୍କ ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ ।

### 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ପକ୍ଷରୁ ଶୋଭାଯାତ୍ରା

## ସୁରକ୍ଷା ପାଇଁ ଅଣାଯାଉ ସ୍ୱତନ୍ତ୍ର ଆଇନ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦୁଝର,(ନିପ୍ର): ଭାରତ ଏକ କୃଷି ପ୍ରଧାନ ଦେଶ । ଏଠାରେ ଏବେ ବି ବଳଦ ମାଧ୍ୟମରେ କୃଷି କାର୍ଯ୍ୟ ହୁଏ। ଦେଶରେ ୮୫ ଭାଗ ଲୋକେ ହିନ୍ଦୁ ହୋଇଥିବାରୁ ଗାଈକୁ ମାଆ ବୋଲି ମାନନ୍ତି ଆଉ ପୂଜା କରନ୍ତି। ସମଗ୍ର ଦେଶରେ ତେଣୁ ଗୋ ସମ୍ପଦର ରକ୍ଷା ନିହାତି ଏବେ ଜରୁରୀ ହୋଇପଡିଛି। ଗ୍ରାମ ଗ୍ରାମ ସହର ସହରରେ ଗୋଶାଳା ଗଢି ଉଠିବାକୁ ଆଜି ଆହ୍ୱାନ ସୃଷ୍ଟି ହୋଇଛି। କେନ୍ଦୁଝର ଜିଲ୍ଲା ତମାମ ଭାରି ଯାନ ବିଶେଷ ଭାବେ ଚଳାଚଳ କରୁଥିବାରୁ ଅନେକ ଜୀବଜନ୍ତୁ ବିଶେଷ କରି ଗାଈଗୋରୁ ଷଣ୍ଢ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାଣ ହାରୁଛନ୍ତି। ବଞ୍ଚିଥିବା ଜୀବଙ୍କୁ କିଛି ସମାଜସେବୀ ସେବା କରି ବଞ୍ଚାଉଛନ୍ତି। ଆଜି ଏହି ସମାଜସେବୀମାନେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ' ବ୍ୟାନର ତଳେ ଏକାଠି ହୋଇ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖରୁ ତହସିଲ ଛକ ଯାଏଁ ଗୋରକ୍ଷା ଲାଗି ଦାବି କରି ଏକ ଶୋଭାଯାତ୍ରା କରିଥିଲେ। ଗୋବଂଶ ରକ୍ଷା, ଗୋଶାଳା ନିର୍ମାଣ କରିବା ସହ ଗାଈକୁ ଜାତୀୟ ପଶୁ ଘୋଷଣା କରିବାକୁ ସେମାନେ ଦାବି କରିଥିଲେ। ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଗୋସୁରକ୍ଷା ଦେଇ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେମାନେ ହଜାର ହଜାର ସ୍ୱାକ୍ଷର ସଂଗ୍ରହ କରିଥିଲେ।




ତେଣୁ ସେମାନେ ସଦର ତହସିଲଦାରଙ୍କ ମାଧ୍ୟମରେ ଏହି ସଂକ୍ରାନ୍ତରେ ଦାବି ପୂରଣ ଲାଗି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। କାର୍ଯ୍ୟକ୍ରମରେ 'ଗୋ ସମ୍ମାନ ଆହ୍ୱାନ ଅଭିଯାନ'ର ମୁଖ୍ୟ ମୋନାଲିସା ଦାଶ, ସମାଜସେବୀ ପ୍ରଣବ କୁମାର ବେହେରା, ଡମ୍ବରୁଧର ମହାନ୍ତ,ସରୋଜ ପ୍ରସାଦ ଦାଶ, ବାଳକୃଷ୍ଣ ଗିରି,ପ୍ରଫୁଲ୍ଲ ଭାଇ,ମାମିନା ଦିଦି, ମିଳନ ଭାଇ, ପଦ୍ମିନୀ ମହାରଣା,ସୋନି, ପ୍ରହ୍ଲାଦ ଭାଇ, ଗାୟତ୍ରୀ ପରିବାର ଓ ଆଦିତ୍ୟ ବାହିନୀ ସଦସ୍ୟ ମାନେ ଯୋଗ ଦେଇଥିଲେ।

## ବୀମାଭୁକ୍ତ ହେଲେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ

ଗୁଣପୁର (ନିପ୍ର):ଗୁଣପୁର ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଦୁଧାଲ ଅଭିଷେକ ଦିଲୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଗୁଣପୁର ନିୟନ୍ତ୍ରିତ ବଜାର କମିଟିର ଅନୁମୋଦନ କ୍ରମେ ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରାଯାଇଛି । ଇଫକୋ-ଟୋକିଓ ଏବଂ ମଣିପାଲ ସିଗମା ନାମକ ବୀମା କମ୍ପାନିଙ୍କ ସହ ଗୁଣପୁର ନିୟନ୍ତ୍ରିତ ବଜାର କମିଟିର ବୁଝାମଣା ସ୍ୱାକ୍ଷରିତ ହୋଇ ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯାଇ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିମନ୍ତେ ମୃତ୍ୟୁ କାଳୀନ ସହାୟତା ରାଶି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେମାନଙ୍କ ପରିବାରଙ୍କୁ ପ୍ରଦାନ କରାଯିବ । ସେହିପରି ମଣୀପାଲ ସିଗ୍‌ମା ସ୍ୱାସ୍ଥ୍ୟବୀମା ତରଫରୁ ପାଞ୍ଚଲକ୍ଷଟଙ୍କା ପର୍ଯ୍ୟନ୍ତ ଡାକ୍ତରୀ ଚିକିତ୍ସା ସୁବିଧା ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପରିବାରଙ୍କୁ ୧୦ଲକ୍ଷଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ । ଆଜି ରାମନାଗୁଡା ବ୍ଲକ ପରିସରରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ବୀମା ପଲିସି କାଗଜାତ (କାର୍ଡ) ପ୍ରଦାନ କରିଥିଲେ । ଏହି ସମୟରେ ଗୁଣପୁର ଉପ ଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଶ୍ରୀ ଅଭିଷେକ, ନିୟନ୍ତ୍ରିତ ବଜାର କମିଟି ସଂପାଦକ ଦଳପତି କାର୍ଜୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନି ଦେବୀ, ରାମନାଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ଗୁଣପୁର ଉପଖଣ୍ଡର ସମସ୍ତ ହାଟ ପ୍ରାଙ୍ଗଣ ଆଦି ବୁଲି ରାଜସ୍ୱ ଆଦାୟ କରୁଥିବା ସମୟରେ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଥିବା ଓ ମୃତ୍ୟୁବରଣ କରୁଥିବା କମିଟି ଅଧ୍ୟକ୍ଷ ଶ୍ରୀ ଅଭିଷେକଙ୍କ ନଜରକୁ ଆସିବା ପରେ ନିୟନ୍ତ୍ରିତ ବଜାର କମିଟିର ଅନୁମୋଦନ ପରେ କର୍ମଚାରୀଙ୍କ ଜୀବନର ମୁଲ୍ୟବୋଧକୁ ବୁଝିପାରି ନିୟମିତ ଓ ସ୍ୱଳ୍ପବେତନଭୋଗୀ କର୍ମଚାରୀଙ୍କ ନିମନ୍ତେ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ହେତୁ ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀ ଅଧ୍ୟକ୍ଷ ଏବଂ ନିୟନ୍ତ୍ରିତ ବଜାର କମିଟିର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ

ରାୟଗଡା,(ନି:ପ୍ର): ଜେ.କେ.ପୁରରେ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁ ମହାଯଜ୍ଞ, ଗଙ୍ଗା ଆରତିରେ ଭକ୍ତମଣ୍ଡଳୀର ଭୀଡ଼ ଜେ.କେ. ପୁର, ୨୪ ଏପ୍ରିଲ୍: ଜେ.କେ. ପୁରରେ ନବନିର୍ମିତ ଭବ୍ୟ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶରେ ସଫଳତାର ସହିତ ସମାପ୍ତ ହୋଇଛି। ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବ ୧୮ ଏପ୍ରିଲ୍‌ରୁ ଆରମ୍ଭ ହୋଇ ମହାସମାରୋହରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ସହ ଉଦ୍‌ଯାପିତ ହୋଇଥିଲା। ଏହି ଅବସରରେ ଭବ୍ୟ ବିଷ୍ଣୁ ମହାଯଜ୍ଞର ଆୟୋଜନ କରାଯାଇଥିବାବେଳେ ରୀତିନୀତି ପାଳନ ପାଇଁ ବାରାଣସୀରୁ ପଣ୍ଡିତମାନେ ଆମନ୍ତ୍ରିତ ହୋଇଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଦିନିଆ ଗଜପତି ଜିଲ୍ଲା ଗସ୍ତ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଇ ଦିନିଆ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ବିଧାୟକ ମୋହନା ଦାଶରଥି ଗମାଙ୍ଗ, ସଭାପତି ଜିଲ୍ଲାପରିଷଦ ଜି.ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲବନ୍ତ ସିଂହ,ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ରା ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗା ରାଜୁ ପ୍ରମୁଖ ଉପସ୍ଥିତିରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି , ମହିଳା ଓ ଶିଶୁ ବିକାଶ ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ ବିଷୟକୁ ନେଇ ସମୀକ୍ଷା କରାଯାଇଥିଲା। ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ




କାର୍ଯ୍ୟକାରୀ ହେଉଥିବା କାମଗୁଡ଼ିକୁ ତୁରନ୍ତ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି। ସେହିପରି ଜିଲ୍ଲାର ବହୁତ ଗୁଡ଼ିଏ ଜଳ ପ୍ରପାତ ରହିଅଛି, ସେହି ଗୁଡ଼ିକୁ ଚିହ୍ନଟ କରି କିପରି ବିକାଶ ହୋଇପାରିବ ସେନେଇ ବନଖଣ୍ଡ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଯାଇଛି। ମହେନ୍ଦ୍ରଗିରି ପର୍ବତକୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତି ନିଆଯାଇଛି। ସେହିପରି ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ବିକାଶ କରିବା ପାଇଁ ଆଲୋଚନା କରାଯାଇଛି। ମିଶନ ଶକ୍ତିର ମହିଳାମାନଙ୍କୁ ଲକ୍ଷେ ପତି ଦିଦିଙ୍କ ସଂଖ୍ୟା ବୃଦ୍ଧି କରିବା ଓ ମହିଳାମାନଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ଏକ ରାଷ୍ଟ୍ର ଏକ ଜିନିଷ ବାଢେ ବିକ୍ରିବଟା କରିବାର ଲକ୍ଷ୍ୟ ରହିଛି । ଜିଲ୍ଲାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାରେ ମିଶନ ଶକ୍ତି ବଜାର କରିବା ନିମନ୍ତେ ଜାଗା ଚିହ୍ନଟ କରାଯିବ ଓ ମିଶନ ଶକ୍ତି ମହିଳାଙ୍କ ଉତ୍ପାଦିତ ଦ୍ରବ୍ୟକୁ ବଡ଼ ବଜାରରେ କିପରି ବିକ୍ରି ବଟା କରାଯାଇ ପାରିବ ସେନେଇ ବିଭାଗୀୟ ମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଉପ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ବି.ଏନ୍.ରାଜପ୍ରାସାଦ ପରିଦର୍ଶନ କରି ଜିଲ୍ଲାର ଜୀବନରେଖା ବି.ଏନ୍.ରାଜପ୍ରାସାଦକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ଚେଷ୍ଟିତ ଜାରି ରହିଛି ବୋଲି କହିଥିଲେ। ଏହି ସମୀକ୍ଷା ବୈଠକରେ ଗୋସାଣୀ ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ଏନ୍. ବୀରରାଜୁ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,, ଜିଲ୍ଲା ମଙ୍ଗଳ ଅଧିକାରୀ ମନୋରମା ଦେବୀ,ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ମିଶନଶକ୍ତି ବିଭାଗର ସମସ୍ତ କର୍ମଚାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆରଏସଏସ ପକ୍ଷରୁ ନାଗରିକ ସଂଗୋଷ୍ଠି କାର୍ଯ୍ୟକ୍ରମ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗ୍ରାମୀଣ ଜିଲ୍ଲା ପକ୍ଷରୁ ନାଗରିକ ସଂଗୋଷ୍ଠି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା,ଜମନକିରା,ବାମରା ଓ ଲଇଡା ଅଞ୍ଚଳର ପ୍ରମୁଖ ନେତୃବର୍ଗଙ୍କ ସମେତ କୃଷକ,ଶିକ୍ଷକ,ଅଧ୍ୟାପକ,ଡାକ୍ତର, ଇଞ୍ଜିନିୟର, ଓକିଲ,କଳାକାର, କ୍ରୀଡାବିତ୍ ଓ ସମାଜସେବୀ ମାନେ ଯୋଗଦେଇଥିଲେ। ପୂଜ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜୀ ମହାରାଜଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯକ୍ରମରେ ଜିଲ୍ଲା ସଂଘ ଚାଳକ ରଙ୍ଗାଧର ଶର୍ମା ଅଧକ୍ଷତା କରିଥିବା ବେଳେ ପ୍ରାନ୍ତପ୍ରଚାର



ପ୍ରମୁଖ ମହେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁତ୍ୱ ହିଁ ସର୍ବ ସମାବେଶୀ ଅଟେ। ଭାରତ ବର୍ଷର ଉତ୍‌ଥାନରେ ବିଶ୍ୱ ଶାନ୍ତି ସ୍ଥାପନ ହୋଇ ସଂଘ ସମାଜର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି କହିଥିଲେ। ଏହାଛଡା ସମସ୍ତଙ୍କ ସହଯୋଗ ରହିଲେ ଭାରତ ପୁଣି ବିଶ୍ୱ ଗୁରୁହେବ ବୋଲି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରିଷନ ଦେଓ, ରୋଶନ ସାହୁ, ସ୍ୱସ୍ତିକ ଶର୍ମା, ଯୋଗେଶ ନାଏକ, ଯଦୁମଣି ସେଠ, ଅତୁଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ତିହିଡିରେ ମିଳିତ ଜନ ଶୁଣାଣି

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୭୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୫୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରସ ଅଧୀନସ୍ଥ ୧ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୧ଟି ଅଭିଯୋଗର ସ୍ଥାନୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ଜଣେ ଅଭିଯୋଗକାରୀଙ୍କୁ ମୋଟ ୫୦୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଏବଂ ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ସଂପର୍କ' ପକ୍ଷରୁ ପ୍ରାଣୀ ପାଳକଙ୍କ ପାଇଁ ସଚେତନତା

ପୁରୀ,(ନିପ୍ର): ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂପର୍କ' ତରଫରୁ ପୁରୀ ଜିଲ୍ଲାର ବ୍ରହ୍ମଗିରି ସ୍ଥିତ ଗିରାଳ ଅଞ୍ଚଳରେ ପ୍ରାଣୀ ପାଳକମାନଙ୍କ ପାଇଁ ଏକ ବ୍ୟାପକ ସଚେତନତା ଓ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି । ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ମୂଳ ଉଦ୍ଦେଶ୍ୟ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସେମାନଙ୍କ ପ୍ରତି ମାନବୀୟ ଦୃଷ୍ଟିଭଙ୍ଗୀ ବୃଦ୍ଧି କରିବା ଥିବାବେଳେ, ସଂପର୍କ ପକ୍ଷରୁ ଏହି ଦିନଟିକୁ ସାର୍ଥକ କରିବା ପାଇଁ ଗ୍ରାମାଞ୍ଚଳର ପ୍ରାଣୀ ପାଳକମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରାଯାଇଛି । ଏହି ଅବସରରେ ସଂଗଠନର ସଦସ୍ୟମାନେ ଗ୍ରାମର ବିଭିନ୍ନ ପ୍ରାଣୀ ପାଳକଙ୍କ ଘରକୁ ଯାଇ




ଗାଈ, ମହିଷ, ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ, ପୌଷ୍ଟିକ ଖାଦ୍ୟ, ପରିଷ୍କାର ପରିବେଶ ଏବଂ ସମୟୋପଯୋଗୀ ଚିକିତ୍ସାର ଆବଶ୍ୟକତା ବିଷୟରେ ଜଣାଇଥିଲେ। ପ୍ରାଣୀମାନଙ୍କ ରୋଗକୁ ଅବହେଳା ନକରି ଆରମ୍ଭରୁ ଯଥାଯଥ ଚିକିତ୍ସା କରାଇବା ଦ୍ୱାରା ବଡ଼ କ୍ଷତିକୁ ରୋକାଯାଇପାରିବ ବୋଲି ସେମାନେ ପ୍ରାଣୀ ପାଳକମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷତଃ ଗ୍ରାମାଞ୍ଚଳରେ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀରେ ଉପଲବ୍ଧ ନିମ୍ବ, ତୁଳସୀ, ହଳଦୀ, ରସୁଣ, ଗୁଆଁ ଗଛପତ୍ର ଓ ଅନ୍ୟାନ୍ୟ ଔଷଧୀୟ ଗଛପତ୍ର ମାଧ୍ୟମରେ ପ୍ରାଣୀମାନଙ୍କ ପ୍ରାଥମିକ ଯତ୍ନ କିପରି ନିଆଯାଇପାରିବ, ସେନେଇ ପ୍ରାୟୋଗିକ ଭାବରେ ସଚେତନ କରାଯାଇଥିଲା। ସ୍ଥାନୀୟ ସମ୍ପଦକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ପ୍ରାଣୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା କରିବାର ଉପାୟ ସମ୍ପର୍କରେ ଗ୍ରାମବାସୀମାନେ ଆଗ୍ରହ ସହିତ ଅବଗତ ହୋଇଥିଲେ।

## ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବଳିଷ୍ଠ ବିନ୍ଧାଣୀ ଥିଲେ କୃଷ୍ଣଚନ୍ଦ୍ର ଗଜପତି

ପାରଳାଖେମୁଣ୍ଡି,(ନିପ୍ର): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର,ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିନ୍ଧାଣୀ ଉତ୍କଳ ବାସୀଙ୍କ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଦିବସରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ ,ବିଧାୟକ ମୋହନା ଦାଶରଥୀ ଗମାଙ୍ଗ, ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ,ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ସମେତ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନ ପ୍ରତିନିଧି,ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମାସେବୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସହରରେ ଗାନ୍ଧୀ ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ମହାରାଜାଙ୍କ ସ୍ମୃତି ସୌଧଠାରେ



ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ବିରବାଦ୍ୟ ଓ ପାଇକ ଆଖଡ଼ା ଦୋଳ କଳା ପ୍ରଦର୍ଶନ ଦେଖାଇ ଶୋଭାଯାତ୍ରା ସହର ପରିକ୍ରମା କାରାଯାଇଥିଲା।

ଏଥିରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୁପେଶ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜି.ତିରୁପତି ରାଓ, ସଭାପତି,ଜିଲ୍ଲାପରିଷଦ ଗଜପତି, ପାରଳା ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ଗୋଷଣୀ ପଞ୍ଚାୟତ ସମିତି ଅଧକ୍ଷ ଏନ୍.ବୀରରାଜୁ, ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଯୋଗ ଦେଇଥିଲେ । ସମସ୍ତ ଅତିଥି ଗଣ ନିଜ ନିଜ ଅଭିଭାଷଣ ରେ କହିଥିଲେ ଯେ ଭାଷା ଭିତ୍ତିରେ ଓଡିଶା ପ୍ରଦେଶ ଗଠନ କରିବାରେ ମହାରାଜା ଅନ୍ୟତମ, ମହାରାଜା ଅଞ୍ଚଳ ପାଇଁ ବିକାଶର, ଉନ୍ନତି, ନିରପେକ୍ଷ ଭାବେ ରାଜ୍ୟ ଶାସନ ଏବଂ ସମସ୍ତଙ୍କୁ ନେଇ ବିକାଶ କରିବା ତାଙ୍କର ମୂଳମନ୍ତ୍ର ଥିଲା । ଓଡ଼ିଆ ଜାତିକୁ ସର୍ବାଗ୍ରେ ପହଞ୍ଚାଇବା ସହ ଲୋକଙ୍କ ମଧ୍ୟରେ ଜନଜାଗରଣ ସୃଷ୍ଟି କରିବାରେ ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମହାରାଜା ଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା

# ଭାରତ-ନ୍ୟୁଜିଲାଣ୍ଡ ଏଫ୍‌ଟିଏ ଚୁକ୍ତିନାମା ସ୍ୱାକ୍ଷରିତ



ନୂଆଦିଲ୍ଲୀ, ୨୭ ।୪: ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । ଏହା ଅଧୀନରେ, ନ୍ୟୁଜିଲ୍ୟାଣ୍ଡକୁ ରପ୍ତାନି କରୁଥିବା ୧୦୦% ଭାରତୀୟଙ୍କୁ ଶୁଳ୍କ ଛାଡ଼ ମିଳିବ । ଏହି ସମୟରେ, ନ୍ୟୁଜିଲ୍ୟାଣ୍ଡରୁ ଭାରତକୁ ଆସୁଥିବା ୯୫% ସାମଗ୍ରୀ ଉପରେ ଶୁଳ୍କ ଛାଡ଼ କିମ୍ବା ହ୍ରାସ କରାଯାଇଛି । ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲ୍ୟାଣ୍ଡ ବାଣିଜ୍ୟ ମନ୍ତ୍ରୀ ଟଡ୍ ମ୍ୟାକଲେଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଦୁଇ ଦେଶ ମଧ୍ୟରେ ଆଲୋଚନା ୨୦୧୦ରୁ ଆରମ୍ଭ ହୋଇଥିଲା କିନ୍ତୁ ନଅ ପର୍ଯ୍ୟାୟ ପରେ ୨୦୧୫ ରେ ବନ୍ଦ ହୋଇଯାଇଥିଲା । ମାର୍ଚ୍ଚ ୨୦୨୫ ରେ ଏହାକୁ ପୁଣିଥରେ ଆରମ୍ଭ କରାଯାଇଛି । ଗତ ବର୍ଷ ଡିସେମ୍ବରରେ ଏହାକୁ ଅନ୍ତିମ ରୂପରେଖ ଦିଆଯାଇଛି । ୧୬ ମାର୍ଚ୍ଚ ୨୦୨୫ରେ ଆରମ୍ଭ ହୋଇଥିବା ଏହି ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ରେକର୍ଡ ୯ ମାସରେ ଶେଷ ହୋଇ ଦୁଇ ଦେଶର ଆର୍ଥିକ ସମ୍ପର୍କରେ ନୂଆ ଅଧ୍ୟାୟ ସ୍ଥାପିତ କରିଛି । ଏହି ଚୁକ୍ତି ଅନୁସାରେ, ଭାରତକୁ ସବୁ ଟାରିଫ୍ ଉତ୍ପାଦନ ଉପରେ ତୁରନ୍ତ ୧୦୦% ଶୁଳ୍କମୁକ୍ତ ପ୍ରାପ୍ତ ହେବ । ଏହା ନ୍ୟୁଜିଲାଣ୍ଡ ଦ୍ୱାରା ବର୍ତ୍ତମାନ ଭାରତରୁ ରପ୍ତାନୀ କରାଯାଉଥିବା ପ୍ରାୟ ୪୫୦ ଟାରିଫ୍ ଉତ୍ପାଦ ଉପରେ ଲଗାଯାଉଥିବା ୧୦% ଶୁଳ୍କରୁ କମ୍ । ଏଥିରେ ବସ୍ତ୍ର ଓ ପରିଧାନ ଉତ୍ପାଦ, ଚମଡା ଓ ଟୋପି, ଚିନା ମାଟିର ବାସନ, କାର୍ପେଟ ଓ ବାହନ ଏବଂ ଅଟୋ ପାର୍ଟସ ରହିଛି । ଏହି ମୁକ୍ତ ବାଣିଜ୍ୟ ଚୁକ୍ତିରେ ଏକ ନିୟମ ରହିଛି । ତାହା ହେଲା ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷରେ ଭାରତରେ ୨୦ ବିଲିୟନ ଡଲାର ନିବେଶ କରିବ । ଏହା ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଇୟୁ) ଦ୍ୱାରା ଭାରତ ସହିତ କରାଯାଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିରେ କରାଯାଇଥିବା ୧୦୦ ବିଲିୟନ ଡଲାର ନିବେଶର 'ପ୍ରତିବଦ୍ଧତା' ଭଳି ରହିଛି । ଏହାଛଡା ଏହି ଏଫଟିଏରେ କାର୍ଯ୍ୟରତ ବୃତ୍ତିଗତ ଓ ଛାତ୍ରଙ୍କ ଯିବା ଆସିବାର ବହୁ ନିୟମ ରହିଛି । ନ୍ୟୁଜିଲାଣ୍ଡ କୌଣସି ଦେଶ ସହ ପ୍ରଥମ ଥର ଛାତ୍ର ଯାତାୟାତ ସମ୍ପର୍କିତ ଓ ଅଧ୍ୟୟନ ପରେ ୱାର୍କ ଭିସା ସମ୍ପର୍କିତ ଚୁକ୍ତି ସାକ୍ଷର କରିଛି । ଏହା ଅନୁସାରେ, ନ୍ୟୁଜିଲାଣ୍ଡରେ ପଢିବା ବେଳେ ବିସ୍ତାରିତ ଅଧ୍ୟୟନ ପରେ ୱାର୍କ ଭିସା ସହିତ ପ୍ରତି ସପ୍ତାହରେ ୨୦ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ ।

## ବିରିୟାନି ପରେ ତରଭୁଜ ଖାଇ ଗୋଟିଏ ପରିବାରର ୪ ମୃତ



ମୁମ୍ବାଇ, ୨୭ ।୪: ମୁମ୍ବାଇରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ପାଇଧୁନି ଅଞ୍ଚଳରେ ଗୋଟିଏ ପରିବାରର ଚାରିଜଣଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି ଏବଂ ସମସ୍ତେ ଏହାର କାରଣ ଖୋଜିବାକୁ ଚେଷ୍ଟା କରୁଛନ୍ତି । ରିପୋର୍ଟ ଅନୁଯାୟୀ, ଡୋକାଡିଆ ପରିବାର ରାତ୍ରିଭୋଜନରେ ବିରିଆନି ଖାଇଥିଲେ । କିଛି ସମୟ ପରେ ସେମାନେ ତରଭୁଜ ମଧ୍ୟ ଖାଇଥିଲେ । କିନ୍ତୁ ବିଳମ୍ବିତ ରାତିରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଗଲା । ତୁରନ୍ତ ସେମାନଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଚିକିତ୍ସା ସମୟରେ ଚାରିଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକମାନେ ହେଲେ ଅବଦୁଲ୍ଲା ଡୋକାଡିଆ (୪୦), ତାଙ୍କ ସ୍ତ୍ରୀ ନସରିନ ଡୋକାଡିଆ (୩୫), ଆୟେଶା ଡୋକାଡିଆ (୧୬) ଏବଂ ଜୈନବ ଡୋକାଡିଆ (୧୩) । ଗୋଟିଏ ପରିବାରର ଚାରିଜଣଙ୍କ ମୃତ୍ୟୁ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ପୋଲିସର କହିବା ଅନୁଯାୟୀ, ମୃତ୍ୟୁ ପୂର୍ବରୁ ପରିବାରର ଜଣେ ସଦସ୍ୟ କହିଥିଲେ ଯେ ସେମାନେ ପୂର୍ବ ରାତିରେ ବିରିୟାନି ଏବଂ ତା'ପରେ ତରଭୁଜ ଖାଇଥିଲେ । ତେଣୁ, ଏହା ସ୍ପଷ୍ଟ ନୁହେଁ ଯେ ବିରିୟାନି, ତରଭୁଜରେ ବିଷ ଥିଲା କି ନାହିଁ, ନା ଉଭୟଙ୍କୁ ପ୍ରତିକ୍ରିୟା ଯୋଗୁଁ ଏକାଠି ଖାଇଥିଲେ । ମୁମ୍ବାଇ ପୋଲିସର କହିବା ଅନୁଯାୟୀ, ପ୍ରାଥମିକ ତଦନ୍ତରୁ ଖାଦ୍ୟ ବିଷାକ୍ତ ହେବାର ଆଶଙ୍କା ରହିଛି, କିନ୍ତୁ ବିରିୟାନି, ତରଭୁଜରେ ବିଷ ଥିଲା କି ନାହିଁ, ନା ଏକାଠି ଖାଇବାରୁ ଫୁଡ୍ ରିଆକ୍ସନ ହେଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

## ଗୁପଚୁପ୍ ଖାଇ ଜଣଙ୍କର ମୃତ୍ୟୁ, ୧୭ ହସ୍ପିଟାଲରେ ଭର୍ତ୍ତି

ଝାଡ଼ଖଣ୍ଡ, ୨୭।୪: ଗୁପଚୁପ୍ ଖାଇବା ହେଲା କାଳ । ଗୁପଚୁପ୍ ଓ ଚାଟ୍ ଖାଇବା ଦ୍ୱାରା ୧୭ଜଣ ଲୋକଙ୍କ ସ୍ଥିତି ବିଗିଡ଼ି ଯାଇଛି । ଘଟଣାଟି ଗିରିଡିହର ମୁଫସିଲ୍ ଥାନା ଅଞ୍ଚଳର ବଜଟୋ ଗାଁରେ ଶନିବାର ସନ୍ଧ୍ୟାରେ ଘଟିଛି । ଏଥିରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଛୋଟ ପିଲା ଥିଲେ । ଜଣେ ପିଲାର ମୃତ୍ୟୁ ହୋଇ ସାରିଛି । ମୃତକ ରିଙ୍କୁ ଦେବୀଙ୍କର ଛଅ ବର୍ଷିୟ ପୁତ୍ର ରଞ୍ଜନ କୁମାର ବର୍ମା । ଅବଶିଷ୍ଟ ସମସ୍ତଙ୍କର ଚିକିତ୍ସା ସଦର ହସ୍ପତାଲରେ ଚାଲୁଛି । ସଦର ହସ୍ପିଟାଲର ଡାକ୍ତରଙ୍କ ଅନୁସାରେ ଅସୁସ୍ଥ ଲୋକଙ୍କ ସ୍ଥିତି ବିପଦ ବାହାରେ । ଡାକ୍ତର ଫୁଡ୍ ପଏଜନିଂରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଖରାର ହେବାର ଆଶଙ୍କା କରିଛନ୍ତି । ଚିକିତ୍ସକ ସବୁ ଅସୁସ୍ଥ ଲୋକଙ୍କ ଉପରେ କଡ଼ା ନଜର ରଖିଛନ୍ତି ।

## ରାଜସ୍ଥାନ ବିଧାନସଭାକୁ ବୋମା ଧମକ

ରାଜସ୍ଥାନ, ୨୭।୪: ରାଜସ୍ଥାନ ବିଧାନସଭାକୁ ପୁଣି ମିଳିଲା ବୋମା ଧମକ । ଇମେଲ ମାଧ୍ୟମରେ ଆସିଛି ଏହି ବୋମା ଧମକ । ସୁରକ୍ଷା ଏଜେନ୍ସି ଓ ତଦନ୍ତକାରୀ ଟିମ ଦ୍ୱାରା ଖାନତଲାସୀ କରାଯାଉଛି । ବିଧାନସଭା କ୍ୟାମ୍ପସରୁ ଲୋକଙ୍କୁ ଖାଲି କରିବା ପାଇଁ ପ୍ରକ୍ରିୟା ଜାରି ରହିଛି । ଗତ ଏପ୍ରିଲ ୨୪ ତାରିଖରେ ସମାନ ଧମକ ଆସିଥିଲା । ତେବେ କିଏ ଓ କାହିଁକି ଏହି ଧମକ ପଠାଇଛି ତାହା ଏଯାଏଁ ଜଣା ପଡିନାହିଁ । ପୋଲିସ ଏହାର ତଦନ୍ତ ଜାରି ରଖିଛି । ଦିନ ଦ୍ୱିପ୍ରହରରେ ଆଇନ , ନିୟମକୁ ଫୁ କରି ଏଭଳି ଧମକ ପୂର୍ଣ୍ଣ ଇମେଲ ପଠାଇବା ଏହା ଲୋକମାନଙ୍କ ମନରେ ଭୟର ଆଲୋଡନ ସୃଷ୍ଟି କରିଛି ।

## ପାଣି ପାଇଁ ୨ ୨ ମୃତ

ନ'ଜାମେନା, ଚାଦ୍ ୨୭ ।୪: ପୂର୍ବ ଚାଦ୍‌ରେ ପାଣି ପାଇଁ ଦୁଇଟି ପରିବାର ମଧ୍ୟରେ ସଂଘର୍ଷ ଘଟି ଅତି କମରେ ୪୨ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ସ୍ଥାନୀୟ ସରକାର କହିଛନ୍ତି । ଚାଡ୍‌ର ଉପପ୍ରଧାନମନ୍ତ୍ରୀ, ଲିମାନେ ମହାମାତ କହିଛନ୍ତି ଯେ ସୀମା ନିକଟବର୍ତ୍ତୀ ୱାଡି ଫିରା ପ୍ରଦେଶର ଇଗୋଟେ ଗାଁରେ ଶନିବାର ସଂଘର୍ଷରେ ଆଉ ୧୦ ଜଣ ଆହତ ହୋଇଛନ୍ତି ।ସେନା ହସ୍ତକ୍ଷେପ କରିବା ପରେ ପରିସ୍ଥିତି ନିୟନ୍ତ୍ରଣରେ ଅଛି, ମହାମାତ ରବିବାର କହିଛନ୍ତି, ଗାଁରେ ଏକ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ ହୋଇଛି, ଏବଂ ଅପରାଧିକ ଦାୟିତ୍ୱ ନିର୍ଣ୍ଣୟ କରିବା ପାଇଁ ନ୍ୟାୟିକ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି ।

## ଜାପାନରେ ଭୂକମ୍ପ ଝଟ୍‌କା

ଜାପାନ, ୨୭।୪: ଜାପାନର ହୋକାଇଡୋ ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ । ଭୋର ସମୟରେ ୬.୨ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଛି । ଏହି ଭୂକମ୍ପ ଜାପାନ ସମୟ ସକାଳ ୫:୨୪ ରେ ପ୍ରାୟ ୮୩ କିଲୋମିଟର ଗଭୀରତାରେ ସଂଗଠିତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ହୋକାଇଡୋର ଦକ୍ଷିଣ ଭାଗର ସାରାବେସୁ ସହର ନିକଟରେ ଥିଲା । ଭୂକମ୍ପ ପରେ କୌଣସି ସୁନାମି ସତର୍କତା ଜାରି କରାଯାଇ ନାହିଁ । ବର୍ତ୍ତମାନ ସୁଦ୍ଧା କୌଣସି ବଡ଼ ଧରଣର କ୍ଷୟକ୍ଷତି କିମ୍ବା ମୃତାହତର ଖବର ମିଳିନାହିଁ ।

## ଉଗ୍ରବାଦୀଙ୍କ ନିପାତ ପାଇଁ ମୁତୟନ ହେବେ ଘାତକ 'କୋବ୍ରା' କମାଣ୍ଡୋ

ନୂଆଦିଲ୍ଲୀ, ୨୭।୪: ଦେଶରୁ ବାମପନ୍ଥୀ ଉଗ୍ରବାଦ ବା ନକ୍ସଲବାଦର ମୂଳୋତ୍ପାଟନ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ସରକାର । ଏହି ମିଶନର ସଫଳତା ପରେ ଏବେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ପୂର୍ବୋତ୍ତର ଭାରତ । ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ବର୍ଷ ବର୍ଷ ଧରି ଲାଗି ରହିଥିବା ଉଗ୍ରବାଦ ସମସ୍ୟାକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବା ପାଇଁ କେନ୍ଦ୍ର ସରକାର ୨୦୨୯ ମସିହାକୁ ଡେଡଲାଇନ ଭାବେ ଧାର୍ଯ୍ୟ କରିଛନ୍ତି । ବିଶେଷ କରି ମଣିପୁରକୁ ଏହି ଅଭିଯାନର କେନ୍ଦ୍ରବିନ୍ଦୁ କରାଯାଇଛି । ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ଯେଉଁ ସୁରକ୍ଷାବଳ ବର୍ତ୍ତମାନ ନକ୍ସଲ ଏବଂ ମାଓବାଦ ପ୍ରଭାବିତ ଅଞ୍ଚଳରେ ମୁତୟନ ଅଛନ୍ତି, ସେମାନଙ୍କୁ ଏବେ ମଣିପୁର, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ନାଗାଲାଣ୍ଡ ପରି ଉଗ୍ରବାଦ ପ୍ରଭାବିତ ରାଜ୍ୟକୁ ପଠାଯିବ ।

## ବାରାକପୁରରୁ ମୋଦିଙ୍କ ରଣହୁଙ୍କାର
# ଏବେ ସିଧା ମୁଁ ଶପଥ ଗ୍ରହଣ ସମାରୋହକୁ ଆସିବି



ବାରାକପୁର, ୨୭ ।୪: 'ଏବେ ସିଧା ମୁଁ ୪ ମଇରେ ହିଁ ପଶ୍ଚିମବଙ୍ଗ ଫେରିବି, ଯେତେବେଳେ ବିଜେପି ସରକାର ଶପଥ ଗ୍ରହଣ କରିବ ।' ନିର୍ବାଚନୀ ରାଲିକୁ ସମ୍ବୋଧନ କରି ଏଭଳି କିଛି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପଶ୍ଚିମବଙ୍ଗର ଲୋକମାନେ ସୁରକ୍ଷା, ସୁଯୋଗ ଏବଂ ସଚ୍ଚୋଟ ଶାସନ ଚାହାଁନ୍ତି, ଯାହା ପ୍ରଦାନ କରିବାରେ ଟିଏମସି ସମ୍ପୂର୍ଣ୍ଣ ବିଫଳ ହୋଇଛି । ବଙ୍ଗଳାର ପରିବେଶ ଦେଖି ମୁଁ ଅନୁଭବ କରୁଛି ଯେ ମୁଁ ବିଜେପି ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ପୁଣି ଆସିବି । ବଙ୍ଗଳାର ନୂତନ ବିଜେପି ସରକାର ରାଜ୍ୟ ପାଇଁ ସମୃଦ୍ଧିର ସ୍ୱପ୍ନ ପୂରଣ କରିବ ଏବଂ ଶରଣାର୍ଥୀ ସମସ୍ୟାର ସମାଧାନ କରାଯିବ । ଓଡିଶା ଏବଂ ବିହାର ପରେ, ବଙ୍ଗଳାରେ ପଦ୍ମ ଫୁଟିବ ।'ସେ ପଶ୍ଚିମବଙ୍ଗ ସହିତ ନିଜର ପୁରୁଣା ସମ୍ପର୍କର ଚର୍ଚ୍ଚା କରି କହିଛନ୍ତି, ପଶ୍ଚିମବଙ୍ଗ ସହିତ ମୋର ବହୁତ ପୁରୁଣା ସମ୍ପର୍କ ରହିଛି । ମୋର ବ୍ୟକ୍ତିଗତ ଜୀବନ ଓ ଆଧ୍ୟାତ୍ମିକ ଯାତ୍ରାରେ ପଶ୍ଚିମବଙ୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଶକ୍ତି ପ୍ରତି ମୋର ଆସ୍ଥା ମଧ୍ୟ ପଶ୍ଚିମବଙ୍ଗ ସହ ଯୋଡି ହେବାର ଏକ ବଡ଼ କାରଣ ରହିଛି । ମୋର ବ୍ୟକ୍ତିଗତ ଆଧ୍ୟାତ୍ମିକ ଯାତ୍ରାରେ ଏହା ମୋ ପାଇଁ ଶକ୍ତିର ବଡ କେନ୍ଦ୍ର ରହିଛି । ମୁଁ ପଶ୍ଚିମବଙ୍ଗର ବହୁ ମହାନ ହସ୍ତୀଙ୍କଠାରୁ ପ୍ରେରଣା ନେଇଛି । ଏଠାର ଲୋକଙ୍କଠାରୁ ମୋତେ ଖୁବ୍ ଭଲ ପାଇବା ମିଳିଛି । ପଶ୍ଚିମବଙ୍ଗର ମାଟିରୁ ମିଳିଥିବା ଅନୁଭୂତି ମୋର ଜୀବନ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଛି । ବଙ୍ଗଳାର ନିର୍ବାଚନ ରାଲି ଓ ରୋଡ୍ ଶୋ' ବେଳେ ମୁଁ ଦେଖିଲି ଲୋକମାନେ ଖୁବ୍ ଇମୋସନାଲ ବାର୍ତ୍ତା ଦେଇଥିଲେ । ତାଙ୍କର ଏହି ବାର୍ତ୍ତାକୁ ମୁଁ କେବେ ଭୁଲିବିନି । ମୁଁ ରାତିରେ ସମୟ ପାଇଲେ ଲୋକଙ୍କ ମେସେଜ୍ ଦେଖେ । ଆପଣଙ୍କ ମେସେଜ୍ ଓ ଲେଟର ମଧ୍ୟ ପଢେ । ମୁଁ ବହୁ ମେସେଜରେ ଲୋକଙ୍କ ଯନ୍ତ୍ରଣାକୁ ବୁଝିଛି । ମୁଁ ଆପଣଙ୍କ ଆର୍ଶୀବାଦକୁ ବି ବୁଝୁଛି ।ସେ ଆହୁରି କହିଛନ୍ତି ଯେ ସେ ବଙ୍ଗଳାର ସେବା କରିବା, ଏହାର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ରାଜ୍ୟକୁ ସୁରକ୍ଷା ଦେବା ପାଇଁ ନିଜକୁ ଉତ୍ସର୍ଗୀକୃତ ବୋଲି ଭାବନ୍ତି । ଓଡ଼ିଶା ଏବଂ ବିହାର ପରେ ଏଥର ପଶ୍ଚିମବଙ୍ଗରେ ପଦ୍ମ ଫୁଟିବ । ସେ କହିଛନ୍ତି ଯେ ଦେଶର ପ୍ରଗତି ପାଇଁ ପୂର୍ବ ଭାରତର ବିକାଶ ଅତ୍ୟାବଶ୍ୟକ । କେବଳ ଏତିକି ନୁହେଁ ତାଙ୍କର କହିବା ଅନୁସାରେ, ମୋ ପାଇଁ ଦେଶର ଜନତା ହିଁ ପରିବାର ଓ ନିଜର ଘର ଛାଡିବା ପରଠାରୁ ଏପର୍ଯ୍ୟନ୍ତ ମୁଁ ଆପଣଙ୍କ ସହିତ ରହିଛି ।

## ପାକ୍‌ରେ ଲସ୍କର ଆତଙ୍କୀ ଶେଖ ୟୁସୁଫ ଆଫ୍ରିଦିକୁ ଗୁଳି କରି ହତ୍ୟା

ଇସଲାମାବାଦ, ୨୭।୪: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଲ୍‌ଇଟି)ର ଜଣେ କମାଣ୍ଡର ଶେଖ ୟୁସୁଫ ଆଫ୍ରିଦିକୁ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳି କରି ହତ୍ୟା କରିଛନ୍ତି । ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀମାନେ ଆଫ୍ରିଦିଙ୍କ ଉପରକୁ ଅନେକ ରାଉଣ୍ଡ ଗୁଳି ଚଳାଇଥିଲେ । ଆଫ୍ରିଦି ଏଲ୍ ଇଟି କମାଣ୍ଡର ହାଫିଜ୍ ସଇଦର ଜଣେ ଘନିଷ୍ଠ ସହଯୋଗୀ ଥିଲା ଏବଂ ଆକ୍ରମଣ ସମୟରେ ତାଙ୍କୁ ଖସିଯିବାର କୌଣସି ସୁଯୋଗ ମିଳିନଥିଲା । ଆଫ୍ରିଦିକୁ ଖାଇବର ପଖତୁନଖ୍ୱା ଅଞ୍ଚଳରେ ଆତଙ୍କବାଦୀ ସଂଗଠନ ଏଲ୍‌ଇଟିର କାର୍ଯ୍ୟକଳାପରେ ଏକ ପ୍ରମୁଖ ଲିଙ୍କ୍ ଭାବରେ ବିବେଚନା କରାଯାଉଥିଲା । ତଦନ୍ତ ଏଜେନ୍ସିଗୁଡ଼ିକ ତାଙ୍କ ମୃତ୍ୟୁକୁ ଏକ ପୂର୍ବ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବର୍ଣ୍ଣନା କରିଛନ୍ତି । ଶେଖ ୟୁସୁଫ ଆଫ୍ରିଦିଙ୍କ ହତ୍ୟା ଗତ ଦୁଇ ବର୍ଷ ମଧ୍ୟରେ ପାକିସ୍ତାନରେ ଅନେକ ଆତଙ୍କବାଦୀଙ୍କ ହତ୍ୟାର ଏକ ଅଂଶ । ଗତ ମାସରେ, ଜଣେ ଅଜ୍ଞାତ ବନ୍ଧୁକଧାରୀ ପାକିସ୍ତାନର ଲାହୋରରେ ଏକ ଟିଭି ଷ୍ଟେସନ ବାହାରେ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ସଦସ୍ୟ ଏବଂ ଜଣେ ୱାଣ୍ଟେଡ୍ ଆତଙ୍କବାଦୀ ଆମିର ହମଜାକୁ ଟାର୍ଗେଟ କରିଥିଲେ । ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ୬୭ ବର୍ଷୀୟ ହମଜା ଗୁରୁତର ଆହତ ହୋଇଥିଲେ । ପାକିସ୍ତାନରେ ଜଣଙ୍କ ପରେ ଜଣେ ୱାଣ୍ଟେଡ୍ ଆତଙ୍କବାଦୀଙ୍କୁ ହତ୍ୟା କରାଯାଉଛି । ପୂର୍ବରୁ ଜୈଶ-ଏ-ମହମ୍ମଦ ମୁଖ୍ୟ ମୌଲାନା ମାସୁଦ ଆଝାରର ବଡ଼ ଭାଇ ମହମ୍ମଦ ତାହିର ଅନୱରର ମଧ୍ୟ ପାକିସ୍ତାନରେ ରହସ୍ୟମୟ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା । ଅନୱର ଜୈଶ-ଏ-ମହମ୍ମଦ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା ଏବଂ ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପରେ ସକ୍ରିୟ ଭାବରେ ସାମିଲ ଥିଲା । ଗତ ବର୍ଷ ମାର୍ଚ୍ଚରେ, ପାକିସ୍ତାନର ସିନ୍ଧର ଝେଲମରେ ଅଜ୍ଞାତ ବନ୍ଧୁକଧାରୀମାନଙ୍କ ଦ୍ୱାରା ଲସ୍କର ଜଣେ ଶୀର୍ଷ ଆତଙ୍କବାଦୀ, ଆବୁ କତାଲ ଓରଫ କତାଲ ସିନ୍ଧୀକୁ ହତ୍ୟା କରାଯାଇଥିଲା । ସେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦର ଜଣେ ଘନିଷ୍ଠ ସହଯୋଗୀ ଥିଲା ।

## ପାକ୍‌କୁ ଚେତାବନୀ ଦେଲା ଭାରତୀୟ ସେନା
# ପ୍ରମାଣ କେବେ ଯୁକ୍ତି କରେନି, ନିଷ୍ପତ୍ତି ନେଇଥାଏ ୨୨ ମିନିଟରେ




ନୂଆଦିଲ୍ଲୀ, ୨୭।୪ ; ଅପରେସନ ସିନ୍ଦୂରକୁ ବର୍ଷେ ପୂରିବା ପୂର୍ବରୁ ଭାରତୀୟ ସେନା ସୋସିଆଲ ମିଡିଆରେ ଏକ ପୋଷ୍ଟ ଜାରି କରିଛି । ଏଥିରେ କିଭଳି ଅପରେସନ ସିନ୍ଦୂରରେ ମାତ୍ର ୨୨ ମିନିଟରେ ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଦେଇଥିଲା ଭାରତୀୟ ସେନା । ଏହାସହିତ ସେନା ଏକ୍ସରେ ପୋଷ୍ଟ କରି ଲେଖିଛି, 'ଦୃଢ ସଙ୍କଳ୍ପ, ସ୍ପଷ୍ଟତା, ମିଶନ୍ ଉପରେ ଧ୍ୟାନ, ନ୍ୟାୟ ମିଳିଲା-ତ୍ୱରିକ ଏବଂ ସଠିକ୍ । ପ୍ରମାଣ କେବେ ଯୁକ୍ତି କରେନି, ନିଷ୍ପତ୍ତି ନେଇଥାଏ, କେବଳ ୨୨ ମିନିଟରେ । ଏହି ପୋଷ୍ଟକୁ ଭାରତୀୟ ସେନା ନିର୍ଣ୍ଣାୟକ ସୈନ୍ୟ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ଅଭିଯାନକୁ ବର୍ଷେ ହେବାକୁ କିଛିଦିନ ପୂର୍ବରୁ ସେୟାର କରିଛି । ଏହି ପୋଷ୍ଟରେ ଏକ ଫଟୋ ମଧ୍ୟ ରହିଛି । ଏଥିରେ କ୍ୟାପସନରେ ଲେଖାଯାଇଛି, ୨୨ ମିନିଟରେ ସବୁକିଛି ଧ୍ୱଂସ । ଏହି ପୋଷ୍ଟ ସହିତ ୯ ଆତଙ୍କୀ ଠିକଣା ନଷ୍ଟ ଏବଂ ଭାରତ ଭୁଲିବ ନାହିଁ ଶୀର୍ଷକ ଥିବା ଫଟୋ ଲାଗିଥିଲା । ଅପରେସନ ସିନ୍ଦୂର ଅଧିନରେ କରାଯାଇଥିବା ଆକ୍ରମଣ ସମୟରେ ଏକ କମାଣ୍ଡ ସେଣ୍ଟର ଦର୍ଶାଯାଇଥିଲା । କିଛି ଦିନ ପୂର୍ବରୁ ଭାରତୀୟ ସେନା ଏକ ଭିଡିଓ ସେୟାର କରିଥିଲା । ଏଥିରେ କୁହାଯାଇଥିଲା କି, "ଯେତେବେଳେ ମାନବତାର ସୀମା ଲଙ୍ଘନ କରାଯାଏ, ସେତେବେଳେ ପ୍ରତିକ୍ରିୟା ନିର୍ଣ୍ଣାୟକ ହୋଇଥାଏ ।

## ଦକ୍ଷିଣ ସୁଦାନରେ ବିମାନ ଦୁର୍ଘଟଣା: ୧୪ ମୃତ



ନୂଆଦିଲ୍ଲୀ, ୨୭।୪: ଦକ୍ଷିଣ ସୁଡାନରୁ ବର୍ତମାନ ସମୟରେ ଏକ ବଡ଼ ଖବର ଆସୁଛି । ସୋମବାର ଦକ୍ଷିଣ ସୁଡାନର ରାଜଧାନୀ ଉପକଣ୍ଠରେ ଏକ ସେସ୍ନା ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଏନେଇ ସୂଚନା ଦେଇଛି । ରିପୋର୍ଟ ମୁତାବକ ଦୁର୍ଘଟଣାରେ ସମସ୍ତ ୧୩ ଜଣ ଯାତ୍ରୀ ଏବଂ ପାଇଲଟଙ୍କ ମୃତ୍ୟୁ ହୋଇଛି । କର୍ତ୍ତୃପକ୍ଷ କହିଛନ୍ତି ଯେ, ପ୍ରାଥମିକ ରିପୋର୍ଟରୁ ସୂଚିତ ହୋଇଛି ଯେ, ଦୁର୍ବଳ ଦୃଶ୍ୟମାନତା ଯୋଗୁଁ ଖରାପ ପାଗ ଦୁର୍ଘଟଣାର କାରଣ ହୋଇପାରେ । ଅଧିକାରୀ ମାନେ କହିଛନ୍ତି ଯେ, ବିମାନରେ ଦୁଇ ଜଣ କେନିଆର ନାଗରିକଙ୍କ ବ୍ୟତୀତ ବାକି ସମସ୍ତେ ଦକ୍ଷିଣ ସୁଡାନର ଥିଲେ । ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି ଯେ, ସୂଚନା ସଂଗ୍ରହ ଏବଂ ଜରୁରୀକାଳୀନ ସେବାକୁ ସହାୟତା କରିବା ପାଇଁ ଜୁବା ଠାରୁ ପ୍ରାୟ ୨୦ କିଲୋମିଟର (୧୨ ମାଇଲ) ଦୂରରେ ଅବସ୍ଥିତ ଦୁର୍ଘଟଣାସ୍ଥଳକୁ ଏକ ଦଳ ପଠାଯାଇଛି । ସୋସିଆଲ ମିଡିଆରେ ସେୟାର କରାଯାଇଥିବା ଦୁର୍ଘଟଣାସ୍ଥଳର ଭିଡିଓ ଗୁଡ଼ିକ ବିମାନର ଭଗ୍ନାବଶେଷ ନିଆଁରେ ବୁଡ଼ି ରହିଥିବା ଦେଖାଯାଉଛି । ସ୍ଥାନଟି ପର୍ବତମୟ ଏବଂ କୁହୁଡ଼ି ପରି ମନେ ହେଉଛି । ଘଟଣାସ୍ଥଳକୁ ଜରୁରୀକାଳୀନ ସେବା ପଠାଯାଇଛି ଏବଂ ଭଗ୍ନାବଶେଷ ଅପସାରଣ ଚାଲିଛି ।

## ବିଜେପିରେ ସାମିଲ ହୋଇଥିବା ସମସ୍ତ ୭ ସାଂସଦଙ୍କୁ ମିଳିଲା ରାଜ୍ୟସଭା ମାନ୍ୟତା

ନୂଆଦିଲ୍ଲୀ, ୨୭।୪: ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି । ରାଜ୍ୟସଭା ରାଘବ ଚଡାଙ୍କ ସମେତ ସମସ୍ତ ବିଦ୍ରୋହୀ ଆପ ସାଂସଦଙ୍କୁ ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବରେ ମାନ୍ୟତା ଦେଇଛି । ରାଜ୍ୟ ସଭା ସଚିବାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି । ରାଜ୍ୟ ସଭା ସଚିବାଳୟ ଆମ ଆଦମୀ ପାର୍ଟିରୁ ବିଜେପିରେ ଯୋଗ ଦେଇଥିବା ସମସ୍ତ ସାଂସଦଙ୍କ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି । ସେମାନଙ୍କୁ ବିଜେପିରେ ସାମିଲ ଘୋଷଣା କରାଯାଇଛି, ଯାହା ଦ୍ୱାରା ଉଚ୍ଚ ସଦନରେ ବିଜେପି ସଦସ୍ୟଙ୍କ ସଂଖ୍ୟା ୧୧୩ କୁ ବୃଦ୍ଧି ପାଇଛି । ଆମ୍ ଆଦମୀ ପାର୍ଟିର ସାଂସଦ ସଂଜୟ ସିଂହ ରବିବାର ଆପ ଛାଡିଥିବା ସାତ ଜଣ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରି ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନଙ୍କୁ ଏକ ଚିଠି ଲେଖିଥିଲେ । ଚିଠିରେ ଉଲ୍ଲେଖ ଅଛି, 'ଏହି ସାଂସଦ ମାନେ ଆମ ଆଦମୀ ପାର୍ଟି ଟିକେଟରେ ଉଚ୍ଚ ସଦନକୁ ନିର୍ବାଚିତ ହୋଇଥିଲେ, କିନ୍ତୁ ପରେ ଦଳ ଛାଡି ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ ।' ସଞ୍ଜୟ ସିଂହ କହିଥିଲେ ଯେ, ସାତ ଜଣ ଆପ ସାଂସଦଙ୍କ ଏହି ପଦକ୍ଷେପ ଦଳତ୍ୟାଗ କରିବା ପରି । ଏହା ପଞ୍ଜାବର ଜନସାଧାରଣ ଏବଂ ଭାରତୀୟ ସମ୍ବିଧାନ ପ୍ରତି ବିଶ୍ୱାସଘାତକତା ଥିଲା ।

## ଟ୍ରମ୍ପଙ୍କୁ କଡ଼ା ଜବାବ ଦେଲା ଇରାନ
# ଆମର ଗଣିତ ଭିନ୍ନ, ଏକ ବଦଳରେ ଚାରି



ତେହେରାନ, ୨୭।୪: ଇରାନର ଉପରାଷ୍ଟ୍ରପତି ଇସମାଇଲ ସାଘାବ ଏସଫାହାନି ଉପସାଗରୀୟ ଦେଶଗୁଡ଼ିକରେ ବିନାଶର ଧମକ ଦେଇଛନ୍ତି । ଏସଫାହାନି କହିଛନ୍ତି, ଇରାନର ଭିତ୍ତିଭୂମିକୁ ଯେକୌଣସି ପ୍ରକାରର କ୍ଷତିକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିରୋଧରେ ଇରାନ ଚାରି ଗୁଣା ପ୍ରତିଶୋଧ ନେବ । ଏହି ଚେତାବନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ୍ତବ୍ୟ ପରେ ଆସିଛି ଯେଉଁଥିରେ ସେ ଇରାନର ତୈଳ କ୍ଷେତ୍ର ଉପରେ ଚାପ ପକାଇବା ବିଷୟରେ କହିଥିଲେ । ଏସଫାହାନି କହିଛନ୍ତି, ଇରାନ ଉପରେ ଯେକୌଣସି ଆକ୍ରମଣର କଡ଼ା ଜବାବ୍ ଦିଆଯିବ । ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଯଦି ଇରାନର ଭିତ୍ତିଭୂମିର କୌଣସି ଅଂଶ କ୍ଷତିଗ୍ରସ୍ତ ହୁଏ, ତେବେ ଆକ୍ରମଣକାରୀଙ୍କୁ ସମର୍ଥନ କରୁଥିବା ଦେଶଗୁଡ଼ିକର ସମାନ ପ୍ରକାରର ଭିତ୍ତିଭୂମିରେ ଏକ ବଦଳରେ ଚାରି ନୀତି ଅନୁସାରେ ଚାରିଗୁଣା ଅଧିକ କ୍ଷତି କରାଯିବ । ଯଦି ହର୍ମୁଜ୍ ନାକାବନ୍ଦୀ ଯୋଗୁଁ ଆମର ଭିତ୍ତିଭୂମିର କୌଣସି ଅଂଶ, ତୈଳ କୂପ କ୍ଷତିଗ୍ରସ୍ତ ହୁଏ, ତେବେ ଆମେ ଗ୍ୟାରେଣ୍ଟି ଦେଉଛୁ, ଆକ୍ରମଣକାରୀଙ୍କୁ ସମର୍ଥନ କରୁଥିବା ଦେଶଗୁଡ଼ିକରେ ସମାନ ଭିତ୍ତିଭୂମିରେ ଚାରି ଗୁଣା ବିନାଶ ଘଟିବ । ସେ ଆହୁରି କହିଛନ୍ତି,ଆମର ଗଣିତ ଭିନ୍ନ । ଆମର ଗୋଟିଏ ତେଲ କୂପ ଚାରୋଟି ତେଲ କୂପ ସହିତ ସମାନ । ଏସଫାହାନିଙ୍କ ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ଯେ, ଚାପ ଜାରି ରହିବା ଦ୍ୱାରା ଇରାନର ଷ୍ଟୋରେଜ୍ ଟ୍ୟାଙ୍କରକୁ ତେଲ ପରିବହନ କରିବାର କ୍ଷମତା ବାଧାପ୍ରାପ୍ତ ହୋଇପାରେ । ଫକ୍ସ ନ୍ୟୁଜ୍ ସହିତ କଥାବାର୍ତ୍ତା କରି ଟ୍ରମ୍ପ କହିଥିଲେ, ଯଦି କୌଣସି ଚୁକ୍ତି ନହେବ ତେବେ ଇରାନର ପାଇପ୍ ଲାଇନଗୁଡ଼ିକରେ ତିନି ଦିନ ମଧ୍ୟରେ ବିସ୍ଫୋରଣ ହୋଇପାରେ । ପୂର୍ବରୁ ଟ୍ରମ୍ପ ତାଙ୍କ ଆଲୋଚନାକାରୀଙ୍କୁ ଇସଲାମାବାଦ ଯାତ୍ରା କରିବାକୁ ବାରଣ କରିଥିଲେ । ଏହି ସମୟରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ରୁଷ ରାଷ୍ଟ୍ରପତି ପୁଟିନଙ୍କ ସହ କଥାବାର୍ତ୍ତା କରିବାକୁ ମସ୍କୋରେ ପହଞ୍ଚିଛନ୍ତି । ପୂର୍ବରୁ ସେ ରବିବାର ଇସଲାମାବାଦରେ ପହଞ୍ଚିଥିଲେ, ଯାହା ତିନି ଦିନ ମଧ୍ୟରେ ତାଙ୍କର ଦ୍ୱିତୀୟ ଗସ୍ତ ଥିଲା । ଆରାଘଚି ଇସଲାମାବାଦରେ ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିରଙ୍କ ସହ ସାକ୍ଷାତ କରିଥିଲେ ।

# ଜମି ଦେବା ନାଁରେ ଠକେଇ, ଦଲାଲ ଗିରଫ

ଭୁବନେଶ୍ୱର(ନିପ୍ର): ଜମି ଦେବା ନାଁରେ ୪ଲକ୍ଷ ଟଙ୍କା ଠକେଇ ଘଟଣାରେ ଫେରାର ଥିବା ଜଲେ ଦଲାଲକୁ ଗିରଫ କରି କୋର୍ଟ ଚ଼ାଲାଣ କରିଛି ଭରତପୁର ଥାନା ପୁଲିସ । ଗିରଫ ଦଲାଲ ଜଣଙ୍କ ହେଲେ ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡର ପ୍ରତାପ ଚ଼ନ୍ଦ୍ର ମହାପାତ୍ର(୪୬) । ତାଙ୍କୁ ସୋମବାର ଦିନ କୋର୍ଟ ଚ଼ାଲାଣ କରାଯାଇଛି । ଅଭିଯୋଗକାରୀ ବସନ୍ତ କୁମାର ପ୍ରଧାନଙ୍କ ଲିଖିତ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ପ୍ରତାପ ଚ଼ନ୍ଦ୍ର ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚ଼ାଲାଣ କରିଛନ୍ତି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ପାତ୍ରପଡା ସ୍ଥିତ ଭି-୨ ଅଞ୍ଚଳରେ ଏକ ଜମି କିଣିବା ଲାଗି ଅଭିଯୁକ୍ତ ପ୍ରତାପଙ୍କୁ ୨୦୧୨ ମସିହାରେ ୪ଲକ୍ଷ ଟଙ୍କା ଦେଇଥିଲେ । କିନ୍ତୁ ଅଭିଯୁକ୍ତ ଜଣକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗକାରୀଙ୍କୁ ଜମି ଯୋଗାଇ ପାରିନଥିଲେ । ଏନଇ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଟଙ୍କା ଫେରସ୍ତ ଲାଗି କହିଥିଲେ । ଅଭିଯୁକ୍ତ ପ୍ରଥମ ଦଫାରେ ଅଭିଯୋଗକାରୀଙ୍କୁ ମାତ୍ର ୫,୦୦୦ ଟଙ୍କା ଫେରସ୍ତ ଦେଇଥିବା ବେଳେ ବାକି ଟଙ୍କା ଫେରାଇବା ଲାଗି ୩ ଟି ଚେକ ପ୍ରଦାନ କରିଥିଲେ । କିନ୍ତୁ ଆକାଉଣ୍ଟରେ ପର୍ଯ୍ୟାପ୍ତ ପରିମାଣର ଟଙ୍କା ନଥିବାରୁ ଉକ୍ତ ଚେକ ଗୁଡିକ ନାକଚ଼ ହୋଇଯାଇଥିଲା । ଏନେଇ ଅଭିଯୋଗକାରୀ ଅଭିଯୁକ୍ତଙ୍କୁ ଯୋଗାଯୋଗ କରି ଟଙ୍କା ଫେରସ୍ତ ଲାଗି କହିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନା ପ୍ରକାର ଧମକ ଦେଇଥିଲେ। ଏନେଇ ଅଭିଯୋଗକାରୀ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ଼ନା ଆଧାରରେ ବରମୁଣ୍ଡା ବସ ପାର୍କିଂ ଅଞ୍ଚଳରେ ଚ଼ଢଉ କରି ଅଭିଯୁକ୍ତ ପ୍ରତାପ ଚ଼ନ୍ଦ୍ର ମହାପାତ୍ରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ,ସେ ତାଙ୍କର ଅପରାଧ ସ୍ୱୀକାର କରିଥିଲେ।

# କୁଖ୍ୟାତ ବାଇକ୍ ଲୁଟେରା ରାହୁଲଙ୍କୁ କାବୁ କଲା ପୁଲିସ

ଭୁବନେଶ୍ୱର(ନିପ୍ର): ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଲୁଟପାଟ କରି ଆତଙ୍କ ଖେଳାଇଥିବା କୁଖ୍ୟାତ ଅପରାଧୀ ନୂଆପଲ୍ଲୀ ସହିଦ ଲକ୍ଷ୍ମଣନାୟକ ବସ୍ତିର ରାହୁଲ ଦଳେଇ(୧୯)କୁ କୋର୍ଟ ଚ଼ାଲାଣ କରାଯାଇଛି । ତା ନାମରେ ବିଭିନ୍ନ ଥାନାରେ ବହୁ ଅପରାଧୀକ ମାମଲା ରହିଥିବା ଜଣାପଡିଛି । ଅଭିଯୋଗକାରୀ ଅଭୟ କୁମାର ମାଝୀଙ୍କ ଅଭିଯୋଗ କ୍ରମେ ନୟାପଲ୍ଲୀ ଥାନା ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ରାହୁଲ ଦଳେଇଙ୍କୁ ମୋଟରସାଇକେଲ ଚୋରୀ ଅଭିଯୋଗରେ ଗିରଫ କରି କୋର୍ଟ ଚ଼ାଲାଣ କରିଛନ୍ତି । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ନୟାପଲ୍ଲୀ ଅନ୍ତର୍ଗତ ଗଡସାହି, ପ୍ଲଟ ନମ୍ବର-୧୦୨୬ ରେ ପରିବାର ସହ ରୁହନ୍ତି । ଗତ ୨୫.୦୪.୨୦୨୬ ସନ୍ଧ୍ୟା ୮ଟା ବେଳେ ସେ ନିଜର ମୋଟରସାଇକେଲକୁ ଘର ସମ୍ମୁଖରେ ତାଲା ପକାଇ ରଖିଥିଲେ । ସେହିଦିନ ବିଳମ୍ବିତ ରାତିରେ ଆଖପାଖରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ରାହୁଲ ଦଳେଇ ଅଭିଯୋଗକାରୀଙ୍କ ମୋଟରସାଇକେଲକୁ ସେଠାରୁ ଚୋରୀକରି ଫେରାର ହୋଇଯାଇଥିଲେ । ପରଦିନ ସକାଳେ ଅଭିଯୋଗକାରୀ ମୋଟରସାଇକେଲ ନିଜ ଚୋରୀ ସମ୍ପର୍କରେ ଜାଣିବାକୁ ପାଇଥିବା ବେଳେ, ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲାର ତଦନ୍ତ କରିବା ସହ,ଅଭିଯୁକ୍ତ ରାହୁଲ ଚୋରା ମୋଟରସାଇକେଲ ଚ଼ଲାଇ ସିଆରପି ଅଞ୍ଚଳରୁ ମଇଲାଟାଙ୍କି ଅଭିମୁଖେ ଆସୁଥିବା ନେଇ,ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ । ମିଳିଥିବା ସୂଚ଼ନା ମୁତାବକ ପୁଲିସ ଟିମ ଘଟଣା ସ୍ଥଳରେ ଅତର୍କିତ ଚ଼ଢଉ କରି ଅଭିଯୁକ୍ତ ରାହୁଲ ଦଳେଇଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ଅଭିଯୋଗକାରୀଙ୍କ ଚୋରୀଯାଇଥିବା ମୋଟରସାଇକେଲକୁ ଉଦ୍ଧାର କରିଥିଲେ । ପଚ଼ରାଉଚ଼ରା ବେଳେ ଅଭିଯୁକ୍ତ ଜଣକ ଏହି ମାମଲାରେ ନିଜ ସମ୍ପୃକ୍ତି ସ୍ୱୀକାର କରିଥିଲେ। ଏହି ମାମଲାର ଅଧିକ ତଦନ୍ତ ବର୍ତ୍ତମାନ ଜାରି ରହିଛି ।

# ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ବଡପୋଖରିଆ ନିକଟସ୍ଥ ମା' ବାଉତୀ ମନ୍ଦିର ସମ୍ମୁଖରେ ଜଣେ ଅଜଣା ବ୍ୟକ୍ତିଙ୍କୁ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଛି । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ବ୍ୟକ୍ତିଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଛି । ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ୧୫ ମିନିଟ ସମୟରେ ଉକ୍ତ ବ୍ୟକ୍ତିଜଣକ କୌଣସି କାର୍ଯ୍ୟରେ ରାଜପଥର ପୂର୍ବ ପାର୍ଶ୍ୱରୁ ପଶ୍ଚିମ ପାର୍ଶ୍ୱକୁ ଯାଉଥିଲେ । ଏହି ସମୟରେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ସମ୍ମୁଖରୁ ଶକ୍ତ ଧକ୍କା ଦେଇଥିଲା । ଧକ୍କାଟି ଏତେ ଭୟଙ୍କର ଥିଲା ଯେ, ବ୍ୟକ୍ତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା । ଫଳରେ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଜଂକିଆ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ିଟିକୁ ଚିହ୍ନଟ କରିବା ପାଇଁ ପୋଲିସ ପ୍ରୟାସ କରୁଛି । ଏହି ଦୁର୍ଘଟଣା ପରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡ଼ିଗୁଡ଼ିକ ଯାତାୟାତ କରୁଥିବାରୁ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଉପୁଜିଥିଲା । ପୋଲିସ ଘଟଣାସ୍ଥଳରୁ ମୃତଦେହ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଛି ।

# ୫ ଲକ୍ଷ ଟଙ୍କାର ସୁନା ଗହଣା ଧରି ସ୍ତ୍ରୀ ଚମ୍ପଟ

ଭାପୁର(ନିପ୍ର): ସ୍ତ୍ରୀ ଦୁଇ ପୁଅ, ସ୍ୱାମୀଙ୍କୁ ଛାଡି ଘରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଏବଂ ୧ ଲକ୍ଷ ୫ହଜାର ଟଙ୍କା ଧରି ବିବାହର ୨୦ବର୍ଷ ପରେ ଅନ୍ୟଜଣଙ୍କ ସାଙ୍ଗରେ ଫେରାର ହୋଇଯାଇଥିବା ନେଇ ସ୍ୱାମୀ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ କରବର ପଞ୍ଚାୟତର ବିରଞ୍ଚି ଭୋଳ (୪୭)ଙ୍କ ପତ୍ନୀ (୩୮) ଦୁଇ ପୁଅଙ୍କ ସହିତ ଗ୍ରାମରେ ରହନ୍ତି । ସ୍ୱାମୀ ମହାରାଷ୍ଟ୍ରର ପୁନେରେ ଏକ କମ୍ପାନୀରେ କାର୍ଯ୍ୟ କରନ୍ତି । ଗତ କିଛି ମାସ ହେଲା ବିରଞ୍ଚିଙ୍କ ସ୍ତ୍ରୀ ଫେରାର ରହିଥିବାବେଳେ ବହୁ ଖୋଜାଖୋଜି ପରେ ନ ମିଳିବାରୁ ସ୍ୱାମୀ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯାହାକୁ ନେଇ ଭାପୁର ବ୍ଲକ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ବୁଲେଟକୁ ଧକ୍କା ଦେଲା ପିକଅପ୍ ଭ୍ୟାନ୍: ଜଣେ ମୃତ, ୨ ଗୁରୁତର

ହିଞ୍ଜିଳିକାଟୁ(ନିପ୍ର): ୫୯ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସାରୁ ଛକ ନିକଟରେ ସୋମବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ବୁଲେଟ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସାଥୀ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣଙ୍କ ହେଲେ ପୋଲସରା ଥାନା ମନ୍ଦାର ଗ୍ରାମର ସମିର ମଲ୍ଲିକ (୨୭) ଓ ଗୁରୁତର ଆହତ ୨ ଜଣ ହେଲେ ପୋଲସରା ଥାନା ରୁମାଗଡ ଗ୍ରାମର ଚନ୍ଦନ ବିଷୋୟୀ (୨୨) ଓ ମନ୍ଦାର ଗ୍ରାମର ରତ୍ନାକର ମଲ୍ଲିକ (୨୦) । ପ୍ରକାଶ ଯେ, ସୋମବାର ସକାଳେ ସମିର, ଚନ୍ଦନ ଓ ରତ୍ନାକର ବୁଲେଟ୍ ଗାଡ଼ି (ଓଡି୦୭ଏଏଲ ୪୮୩୮) ଯୋଗେ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ବ୍ରହ୍ମପୁରଠାରୁ ଆସିକା ଅଭିମୁଖେ ଯାଉଥିବା ଏକ ବୈଦ୍ୟୁତିକ ଉପକରଣ ବୋଝେଇ ପିକଅପ୍ ଭ୍ୟାନ୍ (ଓଡି୦୭ବିସି ୯୭୩୫) ୫୯ ନଂ ଜାତୀୟ ରାଜପଥ ସାରୁ ଛକ ନିକଟରେ ବୁଲେଟକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ବୁଲେଟ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସାଥୀ ୨ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରିଛି । ଭ୍ୟାନ୍ ଚାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି ।



# ସ୍ପା ସେଣ୍ଟର ମାଲିକଙ୍କଠୁ ଟଙ୍କା ନେଇ କର୍ମଚାରୀ ଛୁ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ସ୍ପା ସେଣ୍ଟରର ମାଲିକଙ୍କଠୁ ୨୫ ହଜାର ଟଙ୍କା ନେଇ ଫେରାର ଥିବା ଜଣେ କର୍ମଚ଼ାରୀଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଲିଙ୍ଗରାଜ ଥାନା ଅଞ୍ଚ଼ଳରେ ରହୁଥିବା ଶିବ ଚ଼ରଣ ଦାସ(୪୨) । ତାଙ୍କୁ ରବିବାର ଦିନ କୋର୍ଟ ଚ଼ାଲାଣ କରାଯାଇଛି । ଅଭିଯୋଗକାରୀ କୁଶ ଗୋସ୍ୱାମୀଙ୍କ ଲିଖିତ ଅଭିଯୋଗ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ବିଜୁ ପଟ୍ଟନାୟକ ଏୟାରପୋର୍ଟ ନିକଟରେ"ତଥାପି ସ୍ପା ଆଣ୍ଡ ୱେଲନେସ"ନାମରେ ଏକ ସ୍ପା ସେଣ୍ଟର ଅଛି । ଅଭିଯୁକ୍ତ ଶିବ ଚ଼ରଣ ଦାସ ସେଠାରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ । ଗତ ୨୦.୦୩.୨୦୨୬ରେ ଅଭିଯୁକ୍ତ ଶିବ ଅଭିଯୋଗକାରୀଙ୍କ ଉକ୍ତ ସ୍ପା ସେଣ୍ଟରରୁ ୩୫,୦୯୯ ଟଙ୍କା ନେଇ ଡିପୋଜିଟ କରିବାକୁ ଯାଇ ସ୍ଥାନୀୟ ଅଞ୍ଚଳରୁ ଫେରାର ହୋଇଯାଇଥିଲେ । ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ,ଅଭିଯୁକ୍ତ ଶିବ ଚ଼ରଣ ଚ଼ାଉଳିଆଗଞ୍ଜ ଅଞ୍ଚଳରେ ବୁଲାବୁଲି କରୁଥିବା ନେଇ, ପୁଲିସ ଏକ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ । ପରେ ପୁଲିସର ଏକ ସ୍ୱତନ୍ତ୍ର ଦଳ ଘଟଣା ସ୍ଥଳରେ ଅତର୍କିତ ଚ଼ଢଉ କରିବା ସହ ଅଭିଯୁକ୍ତ ଶିବ ଚ଼ରଣ ଦାସଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ, ସେ ଉକ୍ତ ସ୍ପା ସେଣ୍ଟରରୁ ଟଙ୍କା ଚୋରୀ କରିଥିବା ଏବଂ ଚୋରୀ ଟଙ୍କାକୁ ସେ ନିଜ ବ୍ୟକ୍ତିଗତ କାମରେ ଖର୍ଚ୍ଚ କରିଦେଇଥିବା ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନ ଅନୁଯାୟୀ ଆଜି ତାଙ୍କୁ କୋର୍ଟ ଚ଼ାଲାଣ କରାଯାଇଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚ଼ାଲୁ ରହିଛି ।

# ଏମ୍ସ କର୍ମଚାରୀଙ୍କୁ ଆକ୍ରମଣ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଏମ୍ସର ଜଣେ କର୍ମଚ଼ାରୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ ଘଟଣାରେ ଫେରାର ଥିବା ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ତମାଣ୍ଡୋରେ ରହୁଥିବା ବିଶ୍ୱମ୍ଭର ବିଶ୍ୱଜିତ ସାହୁ(୩୦) । ତାଙ୍କୁ ସୋମବାର ଦିନ କୋର୍ଟ ଚ଼ାଲାଣ କରାଯାଇଛି । ଅଭିଯୋଗକାରୀ ପନୁଗୁପତି ରମେଶଙ୍କ ଲିଖିତ ରିପୋର୍ଟ ଆଧାରରେ ଉକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ଏମ୍ସ ହସ୍ପିଟାଲରେ ସିନିୟର ନର୍ସିଂ ଅଫିସର ଭାବେ କାର୍ଯ୍ୟ କରନ୍ତି । ୧୦ ତାରିଖରେ ସେ ଏମ୍ସରୁ ପାତ୍ରପଡାସ୍ଥିତ ଘରକୁ ନିଜ ମୋଟରସାଇକେଲ ଯୋଗେ ଫେରୁଥିବା ବେଳେ, ପାତ୍ରପଡା ଠାରେ ଥିବା ମୋ-ବସଷ୍ଟାଣ୍ଡ ନିକଟରେ ଛଅ ଜଣ ଅଜଣା ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇବା ସହ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଫଳରେ ଅଭିଯୋଗକାରୀ ମୋଟରସାଇକେଲରୁ ତଳେ ପଡି ଯାଇଥିଲେ । ଏହି ସମୟରେ ଦୁର୍ବୃତ୍ତ ମାନେ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗକାରୀ ନିଜକୁ ବଞ୍ଚାଇବାକୁ ଯାଇ ହାତ ଦେଖାଇଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା । ଏହାପରେ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅଭିଯୋଗକାରୀଙ୍କୁ ଚ଼ିକିତ୍ସା ଲାଗି ତାଙ୍କ ବନ୍ଧୁ ମାନେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ତଦନ୍ତ ସମୟରେ ପୁଲିସ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଭିନ୍ନ ସୂତ୍ରରୁ ଅଭିଯୁକ୍ତ ମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ମାମଲାର ତଦନ୍ତ କାଳରେ ପୁଲିସ ପୂର୍ବରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗତ ୧୩.୦୪.୨୦୨୬ ରେ କୋର୍ଟ ଚ଼ାଲାଣ କରିଥିବା ବେଳେ ଏହି ମାମଲାରେ ବିଶ୍ୱମ୍ଭର ବିଶ୍ୱଜିତ ସାହୁ ନାମକ ଅନ୍ୟ ଜଣେ ତଥା ମୁଖ୍ୟ ଅଭିଯୁକ୍ତଙ୍କୁ ମାଠକରଗୋଲା ଅଞ୍ଚଳରୁ ଗିରଫ କରିବାରେ ସଫଳ ହୋଇଥିଲେ । ପଚ଼ାରାଉଚ଼ରା ସମୟରେ, ଅଭିଯୁକ୍ତ ଜଣକ ଏହି ମାମଲାରେ ନିଜର ପ୍ରତ୍ୟକ୍ଷ ସମ୍ପୃକ୍ତି ସ୍ୱୀକାର କରିଥିଲେ । ଅଭିଯୁକ୍ତ ବିଶ୍ୱମ୍ଭର ବିଶ୍ୱଜିତ ସାହୁଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନ ଅନୁଯାୟୀ ତାଙ୍କୁ କୋର୍ଟ ଚ଼ାଲାଣ କରାଯାଇଛି ।

# ୧୪୮ ଲିଟର ଚୋରା ମଦ ଜବତ: ୬ କୋର୍ଟ ଚାଲାଣ






କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଏହି ଚଢ଼ାଉରେ ରୋମିତା ଗ୍ରାମର ସଂଗ୍ରାମ ପ୍ରଧାନ (୨୩)ଙ୍କଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସ (୪୮)ଙ୍କ ଠାରୁ ୩୪ ଲିଟର ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡା (୫୪)ଙ୍କ ଠାରୁ ୨୧ ଲିଟର ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁ (୩୭)ଙ୍କଠାରୁ ୨୨ ଲିଟର ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ର (୫୬)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ ଜବତ କରାଯାଇଛି । ସେହିପରି ଡେରାବିଶି ଥାନା ଅନ୍ତର୍ଗତ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠିଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ନିକଟରୁ ସମୁଦାୟ ୧୪୮ ଲିଟର ବିଦେଶୀ ଓ ଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ, ମିସ ରତ୍ନପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ଛାତ୍ର ନିଖୋଜ ଘଟଣା: ୪ଦିନ ପରେ ବି ମିଳୁନି ପତ୍ତା

କଟକ(ନିପ୍ର): କଟକ ଚାଉଳିଆଗଞ୍ଜରୁ ଛାତ୍ର ନିଖୋଜ ଘଟଣାକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ କୌଣସି ପତ୍ତା ମିଳିନାହିଁ । ଗତ ୨୪ ତାରିଖରେ ଛାତ୍ର ଜଣଙ୍କ ନିଖୋଜ ହୋଇଥିଲେ । ନିଖୋଜ ଛାତ୍ର ଜଣକ ହେଉଛନ୍ତି ନାରାୟଣ ପାଢ଼ୀ (୧୪) । ସେ ଅଷ୍ଟମ ଶ୍ରେଣୀର ପାଠ ପଢୁଥିଲେ । ସକାଳୁ ଟ୍ୟୁସନ ଯିବାକୁ କହି ଘରୁ ବାହାରି ଯାଇଥିଲେ । ଏହାପରେ ଆଉ ଘରକୁ ଫେରି ନଥିଲେ । ନିଖୋଜ ଛାତ୍ର ନାରାୟଣ ପାଢ଼ୀଙ୍କ ପରିବାର ଲୋକେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ । ଘଟଣାକୁ ୪ଦିନ ବିତିଲା କିନ୍ତୁ ଛାତ୍ରଙ୍କର କୌଣସି ପତ୍ତା ମିଳିନି । ନିଖୋଜ ଛାତ୍ରକୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ।

# ପୋଖରୀରେ ବୁଡି ଯୁବକ ମୃତ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଡଝାଡ ଗ୍ରାମ ପଞ୍ଚାୟତ ଗୋବରଧୂଳି ଗ୍ରାମରେ ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ଗୋବରଧୂଳି ଖଳା ପୋଖରୀରେ ଗାଧେଇବାକୁ ଯାଇ ଯୁବକ ଜଣକ ବହୁ ସମୟ ଧରି ଘରକୁ ଫେରି ନ ଥିଲେ । ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକମାନେ ଖୋଜା ଖୋଜି କରିଥିଲେ । ଉକ୍ତ ଘଟଣା ପ୍ରଘଟ ହେବା ପରେ ଗ୍ରାମର ଯୁବକମାନେ ଖୋଜାଖୋଜି କରି ନିରାଶ ହୋଇଥିଲେ । ଶେଷରେ ସନ୍ଦେହ କରି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଉକ୍ତ ପୋଖରୀରୁ ମୃତ ଯୁବକକୁ ଉଦ୍ଧାର କରିଥିଲେ । ମୃତ ଯୁବକ ହେଉଛନ୍ତି ଗୋଲଖ ପାହାନଙ୍କ ପୁଅ ବାଦଲ ପାହାନ । ଉକ୍ତ ଖବର ପାଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ଜବତ କରିଛି ।

# ମୋକିମ ଏବଂ ସୋଫିଆଙ୍କୁ ଭେଟିଲେ ଦିଲ୍ଲୀପ ରାୟ

କଟକ(ନିପ): ମହମ୍ମଦ ମୋକିମ୍ ଏବଂ ସୋଫିଆ ଫିର୍ଦୋଷଙ୍କୁ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ସାକ୍ଷାତ କରିଛନ୍ତି । ଏହି ଭେଟ୍‌ଘାଟ୍‌କୁ ନେଇ ରାଜ୍ୟ ରାଜନୀତିରେ ପୁଣି ଚର୍ଚ୍ଚା ଜୋର ଧରିଛି । ଉଭୟ ନେତା ଏହି ଭେଟଘାଟକୁ ସୌଜନ୍ୟମୂଳକ ବୋଲି କହିଛନ୍ତି । ସୋମବାର ସକାଳୁ ଦିଲ୍ଲୀପ ରାୟ ମା କଟକ ଚଣ୍ଡୀଙ୍କ ଦର୍ଶନ କରିବା ପରେ ସିଧା ମୋକିମଙ୍କ ବାସଭବନକୁ ଯାଇଥିଲେ । ସେଠାରେ ଦିଲ୍ଲୀପ ରାୟ ମୋକିମ୍ ଓ ସୋଫିଆଙ୍କୁ ଭେଟି ବେଶ୍ କିଛି ସମୟ ଆଲୋଚନା କରିଥିଲେ । ଏହି ସାକ୍ଷାତ ଆଲୋଚନା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦିଲ୍ଲୀପ କହିଛନ୍ତି, ମତେ ଭୋଟ ଦେଇଥିବାରୁ ମୁଁ କେବଳ କୃତଜ୍ଞତା ଜଣାଇବାକୁ ଆସିଥିଲି । ସୋଫିଆ ଓ ମୋକିମ୍ ଭାଇଙ୍କ ସହଯୋଗ ପାଇଁ ମୋର ବିଜୟ ହେଲା । ତେଣୁ ତାଙ୍କୁ କୃତଜ୍ଞତା ଜଣାଇବା ମୋର କର୍ତ୍ତବ୍ୟ । ଏହି ଗସ୍ତରେ କୌଣସି ରାଜନୈତିକି ଉଦ୍ଦେଶ୍ୟ ନାହିଁ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ସେପଟେ ଦିଲ୍ଲୀପ ରାୟଙ୍କ ସହ ସାକ୍ଷାତ ନେଇ ମୋକିମ କହିଛନ୍ତି ଯେ, ଦିଲ୍ଲୀପ ରାୟଙ୍କ ସହିତ ମୋର ସମ୍ପର୍କ ବହୁ ପୁରୁଣା । ଏହା କୌଣସି ରାଜନୈତିକ ଗସ୍ତ ନ ଥିଲା । ଦିଲ୍ଲୀପ ରାୟ ମା' କଟକ ଚଣ୍ଡୀଙ୍କ ଦର୍ଶନ ପାଇଁ ଆସିଥିଲେ । ତେଣୁ ଫୋନ କରି ଘରକୁ ଆସିଲେ ।

## ଏସସିବିରୁ ୧୬ ଶିଶୁ ନିଖୋଜ ଘଟଣା

# ଆରମ୍ଭ ହେଲା ପ୍ରଶାସନିକ ଖୋଳତାଡ଼

କଟକ(ନିପ୍ର): ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରୁ ୧୬ଜଣ ଶିଶୁ ନିଖୋଜ ହେବା ଘଟଣାରେ ତଦନ୍ତ ଆରମ୍ଭ ହୋଇଛି । କେନ୍ଦ୍ରାଞ୍ଚଳ ଆରଡିସିଙ୍କ ନିର୍ଦ୍ଦେଶ ପରେ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାର ଛାନଭିନ ଆରମ୍ଭ କରିଛନ୍ତି । ଗଣମାଧ୍ୟମରେ ଏହି ସମ୍ବେଦନଶୀଳ ଖବର ପ୍ରସାରିତ ହେବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖିବାକୁ ମିଳିଛି । ୨୦୧୯ରୁ ୨୦୨୬ ମଧ୍ୟରେ ଅସହାୟ ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କଠାରୁ ଜନ୍ମିତ ୧୬ ଶିଶୁଙ୍କର ଖୋଜଖବର ମିଳୁନାହିଁ । ସୂଚନା ଅଧିକାର ଆଇନ ବଳରେ ସ୍ୱେଚ୍ଛାସେବୀମାନେ ଏହି ସାଂଘାତିକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି । ମେଡିକାଲ ତଥ୍ୟ ଅନୁସାରେ ୨ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାକି ୧୪ ଜଣଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ । କେନ୍ଦ୍ରାଞ୍ଚଳ ଆରଡିସି ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଏସ୍‌ସିବି ଅଧୀକ୍ଷକଙ୍କୁ ଚିଠି ଲେଖିଛନ୍ତି । ପୂରା ଘଟଣାର ତଦନ୍ତ କରି ଏକ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ କଟକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ମେଡିକାଲରେ ପହଞ୍ଚି ନଥିପତ୍ର ଯାଞ୍ଚ କରିଛନ୍ତି । ଶିଶୁମାନଙ୍କୁ କାହାକୁ ହସ୍ତାନ୍ତର କରାଯାଇଛି ଏବଂ ସେମାନେ ଏବେ କେଉଁଠି ଅଛନ୍ତି, ସେ ନେଇ ସବିଶେଷ ତଥ୍ୟ ମଗାଯାଇଛି । ସ୍ୱେଚ୍ଛାସେବୀ ଅଚ୍ୟୁତ ସାହୁ ଏବଂ ଦୀପକ ଆଚାର୍ଯ୍ୟ ସୂଚନା ଅଧିକାର ଆଇନ ବଳରେ ଏହି ରହସ୍ୟଜନକ ଘଟଣାକୁ ଲୋକଲୋଚନକୁ ଆଣିଥିଲେ । ୨୦୧୯ରୁ ୨୦୨୬ ମସିହା ମଧ୍ୟରେ ଏହି ଅସହାୟ ମହିଳାମାନେ ଜନ୍ମ ଦେଇଥିବା ଶିଶୁମାନେ କୁଆଡ଼େ ଗଲେ, ତାକୁ ନେଇ ସେମାନେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମେଡିକାଲ କର୍ତ୍ତୃପକ୍ଷଙ୍କ ପାଖରେ ଏହି ଶିଶୁମାନଙ୍କର କୌଣସି ସନ୍ତୋଷଜନକ ଉତ୍ତର ନଥିବା ସେମାନେ ଅଭିଯୋଗ କରିଛନ୍ତି । ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ସ୍ୱେଚ୍ଛାସେବୀମାନେ ଏହାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଯେଉଁମାନେ ଏହି କଳାକାରନାମାରେ ସମ୍ପୃକ୍ତ ଥାଇପାରନ୍ତି, ସେହିମାନଙ୍କୁ ତଦନ୍ତ ଦାୟିତ୍ୱ ଦେବା କେବଳ ଏକ ଧର୍ମକୁ ଆଖିଠାର ବୋଲି ସେମାନେ କହିଛନ୍ତି । ଯଦି ଏହି ତଦନ୍ତରେ ନିରପେକ୍ଷତା ପ୍ରକାଶ ନପାଏ, ତେବେ ନ୍ୟାୟ ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି । ଏହି ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୨୩ ଦିନ ପରେ ଖୋଲିଲା ଲେଣ୍ଟୁ ସମବାୟ ସମିତିର ତାଲା

# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରେକର୍ଡ ଜବତ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଟୁ ସେବା ସମବାୟ ସମିତିରେ ଦୀର୍ଘ ୨୩ ଦିନ ଧରି ଲାଗି ରହିଥିବା ଅଚଳାବସ୍ଥାର ଅନ୍ତ ଘଟିଛି । ସମିତିର ସମ୍ପାଦକ ସ୍ୱର୍ଗତ ଦେବବ୍ରତ ସାମନ୍ତରାୟଙ୍କ ଅକାଳ ବିୟୋଗ ପରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ, ଆଜି ପ୍ରଶାସନିକ ହସ୍ତକ୍ଷେପ ଫଳରେ ତାଲା ଭଙ୍ଗାଯାଇ ସମସ୍ତ ରେକର୍ଡ ଓ ସମ୍ପତ୍ତି ଜବତ କରାଯାଇଛି । ଗତ ୪ ତାରିଖରେ ସମ୍ପାଦକ ଦେବବ୍ରତ ସାମନ୍ତରାୟ (ଦୀପୁ)ଙ୍କ ମୃତ୍ୟୁ ପରେ ସମିତିର ଦୈନନ୍ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଚାଷୀମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଚିଠି ସଂଖ୍ୟା ୬୭୪ ଜରିଆରେ ସୁନ୍ଦରପୁର ସମିତି ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ । ମାତ୍ର ଗତ ୧୭ ତାରିଖରେ ସମିତି କର୍ମକର୍ତ୍ତାଙ୍କ ଅନୁପସ୍ଥିତି ଯୋଗୁଁ ତାଲା ଖୋଲାଯାଇ ପାରିନଥିଲା । ପରିସ୍ଥିତିର ଗମ୍ଭୀରତାକୁ ଦେଖି ସହକାରୀ ନିବନ୍ଧକଙ୍କ ନୂତନ ଅର୍ଡର (୬୭୧, ତା-୨୪.୦୪.୨୦୨୬) ଅନୁଯାୟୀ, ଆଜି ପୂର୍ବାହ୍ନ ୧୦:୩୦ ମିନିଟରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ସମିତିର ଚାବି ଭଙ୍ଗାଯାଇଛି । ମୃତ ସମ୍ପାଦକଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ହିସାବ କିତାବ ଓ କାଗଜପତ୍ର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ଚାବି ଖୋଲା ସମୟରେ ସହକାରୀ ନିବନ୍ଧକ ଭାଗମାତ୍ ମାରାଣ୍ଡି, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ଏରିଆ ଅଫିସର୍ ଜ୍ୟୋତିର୍ମୟୀ ଲେଙ୍କା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କରୁ ଏ.ଆଇ ଦେବାଶିଷ ପରିଡ଼ା, ଲେଣ୍ଟୁ ସମିତି ସଭାନେତ୍ରୀ ସଂଯୁକ୍ତା ରାୟସିଂହ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଏବଂ ସୁନ୍ଦରପୁର ସମ୍ପାଦକ ତଥା ନୂତନ ଭାରପ୍ରାପ୍ତ ସମ୍ପାଦକ ବାଙ୍କନିଧି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପଲଟାସିଂହ, ସରପଞ୍ଚ ବିନୋଦିନୀ ଦାସ ଓ ସମିତି ସଭ୍ୟ ବିକାଶ ରଞ୍ଜନ ନାୟକ ସମେତ ସମସ୍ତ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆଗାମୀ ଦିନରେ ସମିତିର କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।



# ବାପ-ପୁଅଙ୍କୁ ଆକ୍ରମଣ: ଜଣେ ଗିରଫ

ପିପିଲି(ନିପ୍ର): ପାରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମରେ ବାପ-ପୁଅଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ସେହି ଗ୍ରାମର ବୋଲି ପୋଲିସ ସୂଚନା ଦେଇଛି । ସୂଚନା ମୁତାବକ ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବ ବିବାଦ ଲାଗି ରହିଥିବା ବେଳେ ଗତ ଶନିବାର କୌଣସି କାରଣରୁ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ବିବାଦକୁ ନେଇ ଗୋଟିଏ ପରିବାର ଲୋକେ ହାତରେ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ । ଏନେଇ ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।



### ମହେନ୍ଦ୍ରଗିରିରେ ଦୁଃସାହସିକ କ୍ରୀଡ଼ା ଉତ୍ସବ

# ୧୭ ରାଜ୍ୟର ୬ ଶହରୁ ଅଧିକ ପ୍ରତିଯୋଗୀ ସାମିଲ




ଗଜପତି, ୨୭/୪: ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ପର୍ବତ ତଥା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଚାଲିଛି ଦୁଃସାହସିକ କ୍ରୀଡ଼ା ଉତ୍ସବ । ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଭାରତୀୟ ପର୍ବାତାରୋହଣ ସଂଘର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ମହେନ୍ଦ୍ରଗିରି ଇକୋ ଆଡଭେଞ୍ଚର ଫେଷ୍ଟରେ ଓଡ଼ିଶା ଏବଂ ଦେଶର ଅନ୍ୟ ୧୭ଟି ରାଜ୍ୟର ୬ ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗୀମାନେ ଉତ୍ସବ ଆୟୋଜନକୁ ନେଇ ଖୁବ ଖୁସି ପ୍ରକାଶ କରିବା ସହ ଏହା ସାରା ଜୀବନ ପାଇଁ ମନେ ରହିବ ବୋଲି କହିଛନ୍ତି । ଓଡିଶାର ଦ୍ୱିତୀୟ ଉଚ୍ଚତମ ପର୍ବତ ତଥା ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଆୟୋଜିତ ଦୁଃସାହସିକ କ୍ରୀଡା ଉତ୍ସବ ମହେନ୍ଦ୍ରଗିରି ଇକୋ ଆଡଭେଞ୍ଚର ଫେଷ୍ଟ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ପର୍ଯ୍ୟଟନ ଓ ଭାରତୀୟ ପର୍ବାତାରୋହଣ ସଂଘର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିଥିବା ବେଳେ ଏଥିରେ ରାଜ୍ୟ ଏବଂ ବାହାର ରାଜ୍ୟର ୬ ଶହରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇ ବିଭିନ୍ନ ପ୍ରକାର ଦୁଃସାହାସିକ କ୍ରୀଡା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ ।



ଭୁବନେଶ୍ୱର: ପ୍ରବଳ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ପିଲାମାନଙ୍କର ଜଳକ୍ରୀଡ଼ା (ଫଟୋ- ଦିନଲିପି)

## ଆଜି ବିଶାଳ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, ୨୭/୪(ନିପ୍ର): ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା । ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୁତ କରୁଥିଲା । ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା । ବିଜେଡି ଏହାକୁ ସମର୍ଥନ କରିଥିଲା । ଏହାର ପ୍ରତିବାଦରେ ୨୭ରୁ ୨୯ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ସମସ୍ତ ମଣ୍ଡଳରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହେବ । ଆସନ୍ତାକାଲି ଭୁବନେଶ୍ୱରରେ ଏକ ବିରାଟ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ସମାଜର ପ୍ରତ୍ୟେକ ବର୍ଗର ମହିଳା ବହୁ ସଂଖ୍ୟାରେ ଏହି ମଶାଲ ଯାତ୍ରାରେ ସାମିଲ ହେବା ସହ ମଣ୍ଡଳସ୍ତରରେ ହେବାକୁ ଥିବା ସମ୍ମିଳନୀକୁ ବ୍ୟାପକ ସମର୍ଥନ କରିବାକୁ ପଟ୍ଟନାୟକ ଅନୁରୋଧ କରିଛନ୍ତି । ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି । ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ଉପସ୍ଥିତ ଥିଲେ ।

## ସୁଧୀର ପାତ୍ର ହତ୍ୟାକାଣ୍ଡର ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ଶେଷ

ଗଞ୍ଜାମ, ୨୭/୪(ନିପ୍ର): ବ୍ରହ୍ମପୁରର ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟାକାଣ୍ଡ ସହ ଜଡିତ ଥିବା ୫ ଜଣ ଅଭିଯୁକ୍ତଙ୍କୁ ଗୋପାଳପୁର ପୁଲିସ୍ ତିନି ଦିନିଆ ରିମାଣ୍ଡରରେ ଆଣି ସିନ ରିକ୍ରେସନ ସହିତ ତଦନ୍ତ କରି ହତ୍ୟାକାଣ୍ଡ ସଂପର୍କରେ ବହୁ ତଥ୍ୟ ହାସଲ କରିଛି । ଆଜି ରିମାଣ୍ଡର ଶେଷ ଦିନ । ୫ ଜଣଙ୍କ ଡାକ୍ତରୀ ପରୀକ୍ଷା ଚାଲିଛି । ଏହାପରେ ପୁଣି ଏମାନଙ୍କୁ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଯିବ । ଜେଲରେ ଥିବା ସୁଧୀରଙ୍କ ଝିଆରି ନିବେଦିତାଙ୍କ ସମେତ ଅନ୍ୟ ୪ଜଣଙ୍କୁ ମଧ୍ୟ ପୁଲିସ ରିମାଣ୍ଡରେ ଆଣି ତଦନ୍ତ କରିବ ବୋଲି ସୂଚନା ମିଳିଛି ।

## ବାହାର ରାଜ୍ୟକୁ ଶିଶୁ ଚାଲାଣ

ମାଲକାନଗିରି, ୨୭/୪(ନିପ୍ର): ଶିଶୁ ଚାଲାଣର ନୂଆ ତରିକା । ସମର କୋର୍ସ ଏବଂ ସୁଟିଂ ନାଁରେ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି ଶିଶୁ । ଦିନକୁ ଦିନ ଶିଶୁ ଚାଲାଣ ବଢିବାରେ ଲାଗିଛି ।ସୂଚନା ମୁତାବକ, ଆଜି ସାଇ କ୍ରିଷ୍ଣା ବସ୍‌ରେ କିଛି ଶିଶୁ ଚାଲାଣ ହେଉଥିବା ନେଇ ଚାଇଲ୍ଡ୍ ଲାଇନକୁ ଏକ କଲ ଆସିଥିଲା । ଏହାପରେ ଶିଶ ବିଭାଗ ଦ୍ୱାରା ସେହି ବସଟିକୁ ମାଲକାନଗିରି ଥାନା ନିକଟରେ ଅଟକାଇ ଯାଞ୍ଚ କରିବା ଦ୍ୱାରା ସେହି ଗାଡ଼ିରୁ କିଛି ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ସେମାନଙ୍କ ସହ ଆଲୋଚନା କରିବା ପରେ ସେମାନେ ବିଜୟୱାଡା ଯାଉଥିବା କହିଥିଲେ । ତେବେ ଶିଶୁମାନଙ୍କୁ ଉଦ୍ଧାର କରିବା ପରେ ସେହି ଶିଶୁ ମାନଙ୍କୁ ସିଡବ୍ଲୁସି ରେ ହାଜର କରି ସେମାନଙ୍କୁ ତାଙ୍କ ପରିବାର ବର୍ଗଙ୍କ ନିକଟରେ ହସ୍ତାନ୍ତର କରାଯିବ ।

### ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲା

## ସାମ୍ନାକୁ ଆସିଲା ଘଟଣା ଦିନର ସିସିଟିଭି ଫୁଟେଜ୍

ବ୍ରହ୍ମପୁର, ୨୭/୪(ନିପ୍ର): ବହୁଚର୍ଚ୍ଚିତ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ପ୍ରତିଦିନ ସାମ୍ନାକୁ ଆସୁଛି ନୂଆ ନୂଆ ତଥ୍ୟ । ଏବେ ସାମ୍ନାକୁ ଆସିଛି ଘଟଣା ଦିନର ସିସିଟିଭି ଫୁଟେଜ । ସୁଧୀର ରାସ୍ତାରେ ଯିବା ଓ ଫେରିବା ବେଳେ ଏକ ବୋଲେରୋ ଗାଡି ପିଛା କରିବାର ଫୁଟେଜ ସାମ୍ନାକୁ ଆସିଛି । ଏପଟେ ୫ ଅଭିଯୁକ୍ତଙ୍କୁ ଜେରା ଓ ଘଟଣାସ୍ଥଳରେ ସିନ ରିକ୍ରିଏସନ କରିବା ପରେ ପୋଲିସକୁ ମିଳିଛି ଅନେକ ତଥ୍ୟ । ଝିଆରୀ ନିବେଦିତା ଯାହା ଷଡ଼ଯନ୍ତ୍ର ରଚିଥିଲା, ଅଭିଯୁକ୍ତ ବୟଫ୍ରେଣ୍ଡ୍ ସେସବୁକୁ ଦେଖାଇଲା । କେମିତି ଆଖି ପିଛୁଳାକେ ସୁଧୀରଙ୍କୁ ବନ୍ଦୀ କରି ନେଇଥିଲେ କାଳୁ ସମେତ ଅନ୍ୟ ଅଭିଯୁକ୍ତ । ପୋଲିସ୍ ହେପାଜତରେ ଥିବା ନିବେଦିତାଙ୍କ ବୟଫ୍ରେଣ୍ଡ କାଳୁ ଗୋଟି ଗୋଟି କରି ସବୁ କିଛି ଦେଖାଇଛି । ପୋଲିସ୍ ଆଗରେ ମାନିଛି କେମିତି ସେଦିନ ସୁଧୀରଙ୍କୁ ଅପହରଣ କରାଯାଇଥିଲା । ଗୋପାଳପୁର ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ଆଜି ସରୁଛି ରିମାଣ୍ଡ ଅବଧି । ତିନି ପର୍ଯ୍ୟାୟରେ ସିନ ରିକ୍ରିଏସନ ଓ ଜେରାରେ ପୋଲିସକୁ ହାତରେ ଅନେକ ତଥ୍ୟ ଲାଗିଛି । ଗତକାଲି ୩ଟି ପର୍ଯ୍ୟାୟରେ କ୍ରାଇମ ସିନ୍ ରିକ୍ରିଏସନ୍ କରାଯାଇଥିଲା । କେଉଁଠି ଆଉ କେମିତି କରିଥିଲେ ହତ୍ୟା କରିଥିଲେ ସେନେଇ ଡେମୋ ଦେଖାଇଥିଲେ ଅଭିଯୁକ୍ତ । ଏହାପରେ ଅଭିଯୁକ୍ତ ମାନେ ବ୍ୟବହାର କରିଥିବା ବନ୍ଧୁକକୁ ବୁଗୁଡ଼ାର ବାଘୁଆ ଡ୍ୟାମକୁ ଫିଙ୍ଗି ଦେଇଥିବା ନେଇ ସ୍କ୍ରିନ୍ ରିକ୍ରିଏସନରେ ଦେଖାଇ ଥିଲେ । ଯାହାକୁ ନେଇ ଅଗ୍ନିଶମ ବିଭାଗ ସହଯୋଗରେ ବନ୍ଧୁକ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା ।ଏଥିରେ ପୋଲିସକୁ ଅନେକ ତଥ୍ୟ ମିଳିଛି । ଆଜି ଅଭିଯୁକ୍ତମାନଙ୍କୁ ପୁଣି ଥରେ ଜେରା କରି ସନ୍ଧ୍ୟା ସୁଦ୍ଧା ଜେଲ୍ ହାଜତକୁ ପଠାଇ ଦିଆଯିବ । ଅନ୍ୟପକ୍ଷରେ ଖୁବଶୀଘ୍ର ଅନ୍ୟତମ ଅଭିଯୁକ୍ତ ତୁଷାର, ନିବେଦିତା ଓ ଶୁଭମଙ୍କ ସମେତ ଅନ୍ୟ ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନେବ ବୋଲି ଜଣାପଡିଛି ।

## ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୪(ନିପ୍ର): ବିଶିଷ୍ଟ ଦାର୍ଶନିକ ମନୋଜ ଦାସଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସାଂସ୍କୃତିକ ଓ ବୌଦ୍ଧିକ ଗୌରବର ଅନନ୍ୟପ୍ରତିଭୂ, ସାରସ୍ୱତ ଜଗତର ଜ୍ୟୋତିର୍ମୟ ପୁରୁଷ ତଥା ବିଶିଷ୍ଟ ଦାର୍ଶନିକ ମନୋଜ ଦାସଙ୍କ ପୁଣ୍ୟତିଥିରେ ମୁଁ ମୋର ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିଜର ଅଲୌକିକ କଳ୍ପନାଶକ୍ତି ଓ ମନ୍ତ୍ରମୁଗ୍ଧ କରିଦେବା ଭଳି ଶବ୍ଦ ସଂଯୋଜନା ମାଧ୍ୟମରେ ସେ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗନ୍ତ ଓ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate Banpur, dated 17/04/2026, I Bhimasen Raut, S/O- Banchhanidhi Raut At-Brundabanpur, P. O. - Badasireipur, P. S. - Banpur, Dist-khurda,Odisha,pin-752031,declare that I have changed my name from Bhimsen Rout to Bhimasen Raut. Henceforth I shall be known as Bhimasen Raut for all purposes.

**Bhimasen Raut.**

## ଅଣ୍ଡିଆ ମୌଜାର ୨୭୯୦ ଜଣଙ୍କୁ ଜମିପଟ୍ଟା ପ୍ରଦାନ



ନିମାପଡ଼ା, ୨୭।୪ (ନିପ୍ର): ନିମାପଡ଼ା ତହସିଲ ଅନ୍ତର୍ଗତ ଅଣ୍ଡିଆ ରାଜସ୍ୱ ମୌଜାର ୨୭୯୦ ଜଣଙ୍କୁ ଜମିପଟା ପ୍ରଦାନ କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଥିନେଇ ସନ୍ତୋଷ ପ୍ରକଟ କରିଥିବା ବେଳେ ଯେଉଁସବୁ ଜାଗାରେ ଚକବନ୍ଦୀ କାର୍ଯ୍ୟ ଚାଲିଛି ତାହା ସଂପୂର୍ଣ୍ଣ କରିବା ପାଇଁ ଉଦ୍ୟମ ଜାରି ଥିବା ସୂଚନା ଦେଇଥିଲେ । ଏଠାରେ ୧୯୨୭ ମସିହାରେ ବନ୍ଦୋବସ୍ତ ଆରମ୍ଭ ହୋଇଥିଲା କିନ୍ତୁ କିଛିଦିନ ପରେ ବନ୍ଦ ହୋଇଯାଇଥିଲା । ଚକବନ୍ଦୀ କାର୍ଯ୍ୟ ୧୯୬୪ ମସିହାରେ ଆରମ୍ଭ ହୋଇଥିଲେ ହେଁ ତାହା ଅଧାପନ୍ତରିଆ ହୋଇ ରହିଥିଲା । ସମଗ୍ର ରାଜ୍ୟରେ ଏହି ସମସ୍ୟା ଦେଖା ଦେଇଥିବା ବେଳେ ନୂତନ ବିଜେପି ସରକାର ଆଇନ ସଂଶୋଧନ କରି ଜନସାଧାରଣଙ୍କ ସୁବିଧା ପାଇଁ ବ୍ୟବସ୍ଥା କରୁଥିବା ସଂପର୍କରେ ଶ୍ରୀ ପୂଜାରୀ ମତବ୍ୟକ୍ତ କରି ଜନସହଯୋଗ ଲୋଡ଼ିଥିଲେ । ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଉଦ୍ୟମ କ୍ରମେ ୨ ବର୍ଷ ମଧ୍ୟରେ ଅଣ୍ଡିଆ ମୌଜାବାସୀ ପଟା ପାଇଲେ ବୋଲି ସଭାରେ ଘୋଷଣା କରାଯାଇଥିଲା । ନିମାପଡ଼ାର ସମସ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀମି ପରିଡ଼ା ବକ୍ତବ୍ୟ ପ୍ରଦାନ କରି ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ ।

## 'ଡାଲମା' ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭।୪ : ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସଡବ୍ଲ୍ୟୁ ଓ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଏକ ଜଏଣ୍ଟ ଭେଞ୍ଚର୍ ଗତ ୨୪ ତାରିଖରେ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ଲେଖିଛନ୍ତି ଯେ, ''ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।'' ରାଷ୍ଟ୍ରଦୂତ ମିଷ୍ଟର ଓନୋଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) । ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ଆଇନ ମନ୍ତ୍ରୀଙ୍କୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ



ଭୁବନେଶ୍ୱର, ୨୭/୪(ନିପ୍ର): ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି । ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ରିପୋର୍ଟ ଗ୍ରହଣ କରିବା ସହ ଏହାକୁ ସଂପୂର୍ଣ୍ଣ ଅନୁଶୀଳନ କରି ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସିଜିମାଳି ପାଇଁ ଲଢ଼େଇ ଜାରି ରଖିବ ଯୁବ କଂଗ୍ରେସ

ଭୁବନେଶ୍ୱର, ୨୭।୪(ନିପ୍ର): ରାୟଗଡା ଜିଲ୍ଲାର କାଶିପୁର ବ୍ଲକ ସିଜିମାଳିରେ ଆଦିବାସୀଙ୍କ ଦମନ ଘଟଣା ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଆଦିବାସୀମାନଙ୍କର ଅଧିକାର ପାଇଁ ରାୟଗଡ଼ା ଜିଲ୍ଲାପାଳଙ୍କ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଥିଲା । ସତ୍ୟାଗ୍ରହ କରିବା ସହିତ ଶ୍ରୀ ପାତ୍ର କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ସିଜିମାଳି ଅଂଚଳ ମଧ୍ୟ ଗସ୍ତ କରିଥିଲେ । ସତ୍ୟାଗ୍ରହ ସମୟରେ ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଉଦୟ ଭାନୁ ଚିବ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ ମନୀଷ ଶର୍ମା ଯୋଗଦେଇ ଡବଲ ଇଞ୍ଜିନ ସରକାରକୁ ତାଙ୍କ ପ୍ରତିକ୍ରିୟା ମାଧ୍ୟମରେ କହିଥିଲେ ଯେ ଏ ସରକାର ଜନବିରୋଧୀ ଏବଂ ଆଦିବାସୀ ବିରୋଧୀ ସରକାର ପୁଞ୍ଜିପତିମାନଙ୍କ ପାଖରେ ଏ ସରକାର ସମର୍ପଣ ହୋଇଯାଇଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଯେଉଁଭଳି ଭାବରେ ଦମନଲୀଳା ଚଳାଇଛନ୍ତି ଆଦିବାସୀମାନଙ୍କ ଉପରେ ଏଥିରୁ ନିବୃତ୍ତ ରୁହନ୍ତୁ ନଚେତ୍ ଯୁବ କଂଗ୍ରେସ ଆଦିବାସୀ ମାନଙ୍କର ଅଧିକାର ପାଇଁ ଲଢ଼େଇ ଜାରି ରଖିବ । କଂଗ୍ରେସ ଦଳ ଏବଂ ଯୁବ କଂଗ୍ରେସ ସବୁବେଳେ ସାଧାରଣ ଲୋକମାନଙ୍କ ପାଇଁ ସଂଗ୍ରାମ ଏବଂ ସଂଘର୍ଷ କରିଆସିଛି । ଆଦିବାସୀମାନଙ୍କର ହକ୍ ପାଇଁ ଯୁବ କଂଗ୍ରେସ ସବୁବେଳେ ଏବଂ ସବୁ ସମୟରେ ସରକାର ଏବଂ ପ୍ରଶାସନ ସହ ଲଢ଼େଇ କରିବାକୁ ପ୍ରସ୍ତୁତ ଅଛି ।

## ଶ୍ରୀଜଗନ୍ନାଥ ଗ୍ରୀନ ଫିଲ୍ଡ ଏୟାରପୋର୍ଟ ପାଇଁ ପଞ୍ଚାୟତବାସୀଙ୍କ ବିରୋଧ

ପୁରୀ, ୨୭/୪(ନିପ୍ର): ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ ଫିଲ୍ଡ ଏୟାରପୋର୍ଟ ପାଇଁ ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ନୀତିଗତ (ଷ୍ଟେଜ୍-୧) ଜଙ୍ଗଲ ମଞ୍ଜୁରୀ ପ୍ରଦାନ ପରେ ଏବେ ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ମିଳି ନ ଥିବାରୁ ପଞ୍ଚାୟତବାସୀ ବିରୋଧ ଆରମ୍ଭ କରିଛନ୍ତି ଏୟାରପୋର୍ଟ ପାଇଁ । ମୋଟ ୧୧୬୪.୭୫୪ ଏକର ଜମି ଅଧିଗ୍ରହଣ ହେବ । ସେଥିମଧ୍ୟରୁ ୨୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ । ବାକି ୯୪୨.୮୬୩ ଏକର ସରକାରୀ ଜମି ରହିଛି । ଉଭୟ ସିପସରୁବାଲି ଏବଂ ଷଣ୍ଢପୁର ମୌଜାରୁ ମୋଟ ୧୨୯ ପରିବାର ବିସ୍ଥାପିତ ହେବେ । ଏଣୁ ବିସ୍ଥାପିତମାନଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ପାଇଁ ବିସ୍ଥାପନ ଭତ୍ତା ବାବଦକୁ ପ୍ରତି ବିସ୍ଥାପିତ ପରିବାର ହିସାବରେ ୫ ଲକ୍ଷ ଟଙ୍କା ଗୃହ ସହାୟତା ଅଧୀନରେ ଏବଂ ନୂତନ ଘର ନିର୍ମାଣ ପାଇଁ ୩.୩୯ ଲକ୍ଷ ଟଙ୍କାରୁ ଅଧିକ ରାଶି,ସ୍ଥାନାନ୍ତର ସହାୟତା ପାଇଁ ଘରୋଇ ସାମଗ୍ରୀର ପରିବହନ ଏବଂ ସ୍ଥାନାନ୍ତର ବାବଦକୁ ୧.୧୩ ଲକ୍ଷ ଟଙ୍କା । ଜୀବିକା ସହାୟତା ଅଧୀନରେ ଗୋଟିଏ ବର୍ଷ ପାଇଁ ଜୀବିକା ନିର୍ବାହ ପାଇଁ ୫୪,୩୦୦ ଟଙ୍କା ।ବ୍ୟବସାୟ ସହାୟତା ଅଧୀନରେ ଦୋକାନ ସ୍ଥାପନ ପାଇଁ ୨୫,୦୦୦ ଟଙ୍କା ପ୍ୟାକେଜ ଘୋଷଣା ରହିଥିଲା ।

## କ୍ଷମତା ବିକାଶ ପାଇଁ କୌଶଳମୂଳକ ସହଭାଗିତା

ଭୁବନେଶ୍ୱର, ୨୭/୪(ନିପ୍ର): ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସର୍କାର ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷ୍ୟରେ, ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତ୍କାଳୀନ ସେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ।

**AFFIDAVIT**

I, Sujata Balabanta Ray W/o-Jayakrushna Sukhari, At/Po-Arisandha, Via-Nimapada, Dist-Puri by affidavit no.11 dtd. 15.04.2026 before The Executive Magistrate, Nimapada. That I am one and the same person by name and title Sujata Balabanta Ray @ Sujata Sukhari. My all Govt. The document was issued by Sujata Balabanta Ray.

**Sd/-Sujata Balabanta Ray**

**AFFIDAVIT**

I, Chhabirani Champatiray, W/o Bibhuti Champatiray, resident of Village: Gopalprasad, P.O: Kuhudi, P.S: Tangi, Dist: Khordha, Odisha, do hereby declare via affidavit before the Executive Magistrate, Tangi, dated 15.04.2026, that Chhabirani Champatiray and Pranati Champatiray (recorded in LIC Policy No. 574683333) are one and the same person. Henceforth, I shall be known as Chhabirani Champatiray for all purposes.

## ଗୋବଂଶ ସୁରକ୍ଷା ପାଇଁ କଡ଼ା ଆଇନ୍ ଦାବି



ଧାମନଗର, ୨୭।୪(ନିପ୍ର): ଓଡ଼ିଶାରେ ଗୋବଂଶ ସୁରକ୍ଷା, ବିକାଶ ଓ ଗୋହତ୍ୟାର ସମ୍ପୂର୍ଣ୍ଣ ନିଷେଧ ପାଇଁ କଡ଼ା ଆଇନ୍ ରୂପାୟଣ କରିବାକୁ ଦାବି ଜୋରଦାର ହୋଇଛି । ଏହି ପରିପ୍ରେକ୍ଷୀରେ "ଗୌସମ୍ମାନ ଆହ୍ୱାନ ଅଭିଯାନ" ପକ୍ଷରୁ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଧାମନଗର ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଜରିଆରେ ଏକ ଆବେଦନପତ୍ର ପ୍ରେରଣ କରାଯାଇଛି । ଗୋ ଚୋରାଚାଲାଣ, ସଡ଼କ ଦୁର୍ଘଟଣା ଓ ପଲିଥିନ ଖାଇବା ଭଳି କାରଣରୁ ପ୍ରତିଦିନ ଅନେକ ଗୋବଂଶର ମୃତ୍ୟୁ ଘଟୁଥିବାରୁ ଏହାକୁ ରୋକିବା ପାଇଁ କଡ଼ା ଆଇନ୍ ଲାଗୁ କରିବା ସହ ଗୋହତ୍ୟାରେ ସମ୍ପୂର୍ଣ୍ଣ ପ୍ରତିବନ୍ଧ ଓ ଗୋମାତାଙ୍କୁ ରାଷ୍ଟ୍ରୀୟ ମାତାର ମର୍ଯ୍ୟାଦା ଦେବାକୁ ଦାବି ଉଠିଛି । ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସମାଜ ପକ୍ଷରୁ ସଞ୍ଜୟ ସ୍ୱାଇଁ, ଦୀପକ ବାରିକ୍, ସମ୍ବିଦ ଦାଶ, ଭବାନୀ ଶଙ୍କର ଜେନା, ରଞ୍ଜିତ ପୃଷ୍ଟି, ଶୁଭମ୍ ପରିଡ଼ା, ହିମାଂଶୁ ମହାରଣା, ରାମଚନ୍ଦ୍ର ଜେନା, ବରାଦ ପ୍ରସନ୍ନ ନାୟକ, ପାର୍ଥସାରଥୀ ପରିଡ଼ା ସମେତ ଅନେକ ଯୁବକ ଉପସ୍ଥିତ ଥିଲେ ।

## ଏମସିଏଲ ପକ୍ଷରୁ ସିଭିଓ ପିକେ ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା




ସମ୍ବଲପୁର, ୨୭/୪(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପ୍ରଣବ କୁମାର ପଟେଲଙ୍କୁ ଏମସିଏଲରେ ତାଙ୍କର ସଫଳ କାର୍ଯ୍ୟକାଳ ସମ୍ପନ୍ନ ହେବା ଅବସରରେ ସୋମବାର ଏକ ସମ୍ମାନଜନକ ତଥା ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ତାଙ୍କର ଉଲ୍ଲେଖନୀୟ ସେବା ଏବଂ ସଂସ୍ଥା ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ପଟେଲଙ୍କୁ କୃତଜ୍ଞତା ଜଣାଇବା ପାଇଁ କମ୍ପାନୀ ମୁଖ୍ୟାଳୟରେ 'ସମ୍ମାନ ସମାରୋହ' ଆୟୋଜିତ ହୋଇଥିଲା । ଏହି ଅବସରରେ ଅଧକ୍ଷ ସହ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଉଦୟ ଅନନ୍ତ କାଓଲେ; କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ); ଏସ.କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଥିସହ ବହୁ ସଂଖ୍ୟାରେ ବରିଷ୍ଠ ଅଧିକାରୀ ଏବଂ ଏମସିଏଲର କର୍ମଚାରୀମାନେ ଉପସ୍ଥିତ ରହି ତାଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ଉଦବୋଧନ ଦେଇ, ସିଏମଡି କାଓଲେ କମ୍ପାନୀରେ ଭିଜିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ପଟେଲଙ୍କ ବୃତ୍ତିଗତ ମନୋଭାବ, ସଚ୍ଚୋଟତା ଏବଂ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସକ୍ରିୟ ପଦକ୍ଷେପ, ସ୍ୱଚ୍ଛତା ଏବଂ ନୈତିକ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ପଟେଲଙ୍କୁ କୃତଜ୍ଞତା ଓ ସମ୍ମାନ ଜଣାଇ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ ନିଜେ ରଚନା କରିଥିବା ଏକ ହୃଦୟସ୍ପର୍ଶୀ କବିତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପଦକ୍ଷେପ କାର୍ଯ୍ୟକ୍ରମକୁ ଅଧିକ ଆତ୍ମୀୟ କରିବା ସହ ଏମସିଏଲରେ ପଟେଲଙ୍କ କାର୍ଯ୍ୟକାଳ ସହ ଜଡିତ ସୁମଧୁର ସ୍ମୃତିକୁ ଉଜ୍ଜୀବିତ କରିଥିଲା ।

ଭାରତୀୟ ଖେଳ ପ୍ରାଧିକରଣ
ଭାରତ ସରକାର
କ୍ରୀଡ଼ା ବିଭାଗ
(ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ଏକ ସ୍ୱୟଂଶାସିତ ସଂସ୍ଥା)
(ମାନବ ସମ୍ବଳ ଡିଭିଜନ-୨)

ମୁଖ୍ୟ କାର୍ଯ୍ୟାଳୟ, ଗେଟ୍ ନଂ ୧୦(ପୂର୍ବ ଗେଟ୍)
ଜବାହାରଲାଲ ନେହେରୁ ଷ୍ଟାଡିୟମ
ଲୋଧିରୋଡ୍, ନୂଆଦିଲ୍ଲୀ- ୧୧୦୦୦୩

ଫାଇଲ୍ ନଂ. ୦୧-୦୪୦୦୧(୦୩)/୪/୨୦୨୬-୬୬ ତାରିଖ: ୨୧-୦୪-୨୦୨୬

ଭାରତ କ୍ରୀଡ଼ା ପାଧିକରଣର ଡେପୁଟି ଡାଇରେକ୍ଟର ନିଯୁକ୍ତି(ଡେପୁଟେସନ) ଆଧାରରେ

ଭାରତର କ୍ରୀଡ଼ା ପ୍ରାଧିକରଣ(ସାଇ) ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ଏକ ସ୍ୱୟଂଶାସିତ ସଂସ୍ଥା । ଏହା ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀ ଓ ବିଭିନ୍ନ କ୍ଷେତ୍ରୀୟ ୟୁନିଟ୍‌ଠାରେ ୩ ବର୍ଷ ଅବଧି ପର୍ଯ୍ୟନ୍ତ ଡେପୁଟେସନ ଆଧାରରେ ପେ ମାଟ୍ରିକ୍ସ ଲେଭଲ-୧୧ ରେ ୨୦ଟି ଡେପୁଟି ଡାଇରେକ୍ଟର ପଦ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟ ଅଧିକାରୀମାନେ ନିର୍ଦ୍ଧାରିତ ଫର୍ମାଟରେ ଦରଖାସ୍ତ ଆବଶ୍ୟକ କାଗଜାତ ସହିତ ନିର୍ଦ୍ଦେଶକ (ମାନବ ସମ୍ବଳ ଡିଭିଜନ-୨), ସାଇ, ଜେନ୍ ଷ୍ଟାଡିୟମ କମ୍ପ୍ଲେକ୍ସ, ଲୋଧି ରୋଡ, ନୂଆଦିଲ୍ଲୀ- ୧୧୦୦୦୩ରେ ଦାଖଲ କରିପାରିବେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ୨୧-୦୫-୨୦୨୬(ଅପରାହ୍ନ ୫ ଘଟିକା) । ବିଜ୍ଞାପନର ସବିଶେଷ, ଯୋଗ୍ୟତା ମାନକ, ପ୍ରୋଫର୍ମା ଓ ନିର୍ଦ୍ଦେଶାବଳୀ ସାଇ ୱେବସାଇଟ୍(www.sportsauthority of india.nic.in)ରେ ମିଳିପାରିବ ।

CBC47103/11/0006/2627

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ